ସମୟର ପ୍ରତିଫଳନ
SAMAYARA PRATIPHALAN
ମିଡିଆ
ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ସହ ସମସ୍ତ ରୋଚକ ତଥା ତାଜା ଖବର ପାଇଁ ଲଗ ଇନ କରନ୍ତୁ
www.pratiphalan.com

# ସମୟର ପ୍ରତିଫଳନ
SAMAYARA PRATIPHALAN
*Fortnightly*





www.pratifalan.blogspot.com RNI No-ODIODI/2013/50925 www.facebook.com/samayara Pratiphalan Postal Regd. No.00 JEY (K)-11/2024-2026

Vol -13, Issue -23, 1-15 March 2026, Rayagada, Page -8, Rs .5.00/- ବର୍ଷ -୧୩, ସଂଖ୍ୟା-୨୩, ୧ ରୁ ୧୫ ମାର୍ଚ୍ଚ ୨୦୨୬, ରାୟଗଡ, ପୃଷ୍ଠା-୮, ମୂଲ୍ୟ .୫.୦୦


# ୨୦ ମାସରେ ୧୦୯ଟି ପ୍ରକଳ୍ପରେ ୧.୭୬ ଲକ୍ଷ ନିଯୁକ୍ତି ସୃଷ୍ଟି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଗତ ୨୦ ମାସ ଧରି ରାଜ୍ୟ ସରକାର 'ବିକଶିତ ଓଡ଼ିଶା-ବିକଶିତ ଭାରତ' ଦୃଷ୍ଟିକୋଣକୁ ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପରିବର୍ତ୍ତନ, ଭିତ୍ତିଭୂମି ସଂପ୍ରସାରଣ ଓ ସାଂସ୍କୃତିକ ପୁନରୁତ୍ଥାନ ମାଧ୍ୟମରେ ରୂପାୟନ କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନ୍‌ଭେନସନ ସେଣ୍ଟର ଠାରେ ଆୟୋଜିତ 'ବିକାଶ ମନ୍ଥନ ୧.୦ : ଗଭର୍ଣ୍ଣାନ୍‌ସ ଇନ୍ ଆକ୍ସନ୍' କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଦୃଢ଼ ନେତୃତ୍ୱ, ସ୍ୱଷ୍ଟ ନୀତି ଓ ସାମୂହିକ ସଙ୍କଳ୍ପ ଦ୍ୱାରା ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଦୟ ହୋଇପାରିଛି।

ଏଭଳି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିବାରୁ ଏହାର ସହଆୟୋଜକ Odisha Centre for Integrated Development (OCID) ର ଉଚ୍ଚ ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ। ସେ କହିଥିଲେ ଯେ, ସମୃଦ୍ଧ



ଓଡ଼ିଶା ଗଠନରେ ସ୍ୱଷ୍ଟ ମାର୍ଗଦର୍ଶନ ପାଇଁ ଏଭଳି ବିଚାରବିମର୍ଷ ଅତ୍ୟନ୍ତ ଜରୁରୀ। ଚଳିତ ବର୍ଷ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ଜାତୀୟ ହାରଠାରୁ ଅଧିକ। ଗତ ୨୦ ମାସରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକର୍ଷଣ କରାଯାଇଛି। ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ ହୋଇଥିବା ବେଳେ ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ସେ କହିଥିଲେ ଯେ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି। ଇଲେକ୍ଟ୍ରୋନିକ୍ସ, କୃତ୍ରିମ ବୁଦ୍ଧିମତ୍ତା, କ୍ଷେତ୍ରରେ ନୂତନ ନୀତି ପ୍ରସ୍ତୁତ କରାଯାଇଛି। ଓଡ଼ିଶାକୁ ଏକ ଡିଜିଟାଲ ଓ ଶିଳ୍ପ ଶକ୍ତିକେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ସେ କହିଥିଲେ ଯେ, ରାଜ୍ୟର ବଜେଟ ପ୍ରଥମଥର ପାଇଁ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାକୁ ଯାଉଛି। ଭିତ୍ତିଭୂମି ଉନ୍ନତି ପାଇଁ ଚଳିତ ବଜେଟରେ ୭୨ ହଜାର ୧୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ଏଝଡଚ ର ୬.୫ ପ୍ରତିଶତ। ବଡ଼ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ଋଣ ହାର ସବୁଠାରୁ କମ୍ ରହିଥିବା ବେଳେ ଏହା ୧୩.୬ ପ୍ରତିଶତ ରହିଛି, ଯାହା ଋଜଈଗ ସୀମାଠାରୁ ଯଥେଷ୍ଟ କମ୍। ସେ ଆହୁରି କହିଥିଲେ ଯେ 'ସୁଭଦ୍ରା' ଯୋଜନାରେ ଏକ କୋଟିରୁ ଅଧିକ ମହିଳା ଆର୍ଥିକ ସ୍ୱାଧୀନତା ହାସଲ କରିଥିବା ବେଳେ ପ୍ରାୟ ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଫଳରେ ଚାଷୀମାନଙ୍କର ଭରସା ବଢ଼ିଛି। ୨୦୨୪-୨୫ ମସିହାରେ ରେକର୍ଡ ୯୨.୬୩ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଥିବା ବେଳେ ୨୮,୭୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ୪୫ ହଜାର ଶିଶୁବାଟିକା ଖୋଲାଯାଇଥିବା ବେଳେ ୨୦ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ କରାଯାଇଛି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ବ୍ୟୟରେ ୨୨୦୦ଟି ବିଦ୍ୟାଳୟ ସ୍ଥାପନ କରାଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୦୨୬-୨୭ ବର୍ଷ ପାଇଁ ୨୩ ହଜାର ୧୮୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୧.୦୩ କୋଟି ପରିବାରର ୩.୪୭ କୋଟି ଲୋକ ଉପକୃତ ହେଉଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ରାଜ୍ୟର ସମସ୍ତ ଗ୍ରାମକୁ ୨୦୨୭ ମାର୍ଚ୍ଚ ସୁଦ୍ଧା ପାଇପ ପାଣି ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜିଅନ (ଈଉଚଚରଜ) ର ଅର୍ଥନୀତିକୁ ୨୦୪୭ ସୁଦ୍ଧା ୫୦୦ ବିଲିଅନ ଡଲାର କରିବା ପାଇଁ ଲକ୍ଷ୍ୟ ରହିଛି। ସାଂସ୍କୃତିକ କ୍ଷେତ୍ରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ କର୍ପସ ପାଣ୍ଠି ଗଠନ, ଐତିହ୍ୟ ଗ୍ରାମ ସୁରକ୍ଷା ଓ ବାଲିଯାତ୍ରାକୁ ବିଶ୍ୱସ୍ତରରେ ପ୍ରଚାର କରାଯାଉଛି।


MITS GROUP OF INSTITUTIONS
Shaping future in Technology, Agriculture & Life Sciences
MITS Group
MIPS
NAAC ACCREDITED



B.Sc
+ Agriculture (H)
+ Biotechnology (H)
+ Food Technology (H)
M.Sc
+ Biotechnology
+ Microbiology
B.Tech
+ Civil Engineering
+ Electrical Engineering
+ Mechanical Engineering
+ Biotechnology Engineering
+ Computer Sc. & Engineering
BBA | BCA | MCA

16+ PROFESSIONAL COURSES
2000+ UG/PG STUDENTS
100+ DEDICATED FACULTIES
25+ YEARS QUALITY EDUCATION

RECRUITING PARTNERS
→ IBM → Deloitte → Cognizant → Accenture
→ TCS → Wipro → Infosys → Capgemini
→ LTIMindtree → Tech Mahindra → British Telecom → Promea Therapeutics
→ ESSPL → Vivnovation → Dr. Reddy's Lab → OMICS International
Industry-ready learning environment
On-Campus Placement in Top IT Companies
Strong corporate tie-ups for training & placements
State-of-the-art laboratories & modern classrooms

7th TOP ENGINEERING INSTITUTE IN ODISHA by THE TIMES OF INDIA
66th TOP INSTITUTE OF INDIA IN PLACEMENT by THE TIMES OF INDIA
6th IN ODISHA'S TOP COLLEGE IN PLACEMENT by THE TIMES OF INDIA
70th AMONG EMERGING BCA COLLEGES IN INDIA by INDIA TODAY
AA+ FOR ACADEMIC EXCELLENCE & QUALITY INFRASTRUCTURE by CAREERS 360
Top 5 AMONG THE AGRICULTURE COLLEGES IN INDIA by ECONOMIC TIMES

9861623243, 7735737890 Rayagada, Odisha, 765017 mits.edu.in | mips.edu.in

# ଇରାନ-ଆମେରିକାର ବୋମା ବର୍ଷଣ, ଆଲର୍ଟ ହେଲା ଭାରତ



ନୂଆଦିଲ୍ଲୀ, : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ରାତିରେ (୧ ମାର୍ଚ୍ଚ, ୨୦୨୬) ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ଉଉଝ)ର ଏକ ବୈଠକର ଅଧ୍ୟକ୍ଷତା କରିଥିଲେ। ଏହା ବିଶ୍ୱାସ କରାଯାଏ ଯେ ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ବିଶ୍ୱ ପରିସ୍ଥିତି ଏବଂ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ହତ୍ୟା ପରେ ସୃଷ୍ଟି ହୋଇଥିବା ପରିସ୍ଥିତିର ସମୀକ୍ଷା କରିବା ପାଇଁ ଏହି ବୈଠକ ଡକାଯାଇଥିଲା। ସିସିଏସ ହେଉଛି ଦେଶର ସୁରକ୍ଷା ଏବଂ ରଣନୈତିକ ପ୍ରସଙ୍ଗରେ ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା। ବୈଠକର ବିବରଣୀ ନ ଦେଇ ଏକ ସୂତ୍ର କହିଛି, 'ପ୍ରଧାନମନ୍ତ୍ରୀ ସିସିଏସ ବୈଠକର ଅଧ୍ୟକ୍ଷତା କରିଥିଲେ।' ରାଜସ୍ଥାନ, ଗୁଜରାଟ, ତାମିଲନାଡୁ ଏବଂ ପୁଡୁଚେରୀର ଦୁଇ ଦିନିଆ ଗସ୍ତ ପରେ ପ୍ରଧାନମନ୍ତ୍ରୀ ମୋଦି ରାତି ପ୍ରାୟ ୯ଟା ୩୦ ରେ ଜାତୀୟ ରାଜଧାନୀରେ ପହଞ୍ଚିବା ପରେ ସିସିଏସ ବୈଠକ ଅନୁଷ୍ଠିତ ହୋଇଥିଲା। ସୂତ୍ର ଅନୁସାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସମେତ କମିଟି ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ। ଶୀର୍ଷ ଅଧିକାରୀମାନେ ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଏବଂ ଭାରତ ପାଇଁ ଏହାର ପ୍ରଭାବ ବିଷୟରେ କମିଟିକୁ ସୂଚନା ଦେଇଥିଲେ। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଏବଂ ଶକ୍ତିକାନ୍ତ ଦାସ, ପ୍ରତିରକ୍ଷା କର୍ମଚାରୀ ପ୍ରମୁଖ ଜେନେରାଲ ଅନିଲ ଚୌହାନ, କ୍ୟାବିନେଟ ସଚିବ ଟି.ଭି. ସୋମନାଥନ ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ର ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

ସୂତ୍ର ଅନୁଯାୟୀ, ବୈଠକରେ ପଶ୍ଚିମ ଏସିଆରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା, ଫସି ରହିଥିବା ବ୍ୟକ୍ତିମାନଙ୍କ ସୁରକ୍ଷା ଏବଂ ପରିସ୍ଥିତି ଖରାପ ହେଲେ କିପରି ମୁକାବିଲା କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିବା ବିଶ୍ୱାସ କରାଯାଉଛି। ବର୍ତ୍ତମାନ, ପଶ୍ଚିମ ଏସୀୟ ଆକାଶ ସୀମା ପ୍ରାୟତଃ ବନ୍ଦ ଅଛି। ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ସାମରିକ ଉତ୍ତେଜନା ବିମାନ ସେବାକୁ ବାଧାପ୍ରାପ୍ତ କରିଛି, ଯାହା ଫଳରେ ଶହ ଶହ ଭାରତୀୟ ଦୁବାଇ ଏବଂ ଅନ୍ୟାନ୍ୟ ପ୍ରମୁଖ ବିମାନବନ୍ଦରରେ ଫସି ରହିଛନ୍ତି। ଏହି ଲୋକମାନଙ୍କ ମଧ୍ୟରୁ ଅନେକ ସାମାଜିକ ଗଣମାଧ୍ୟମରେ ଭାରତ ସରକାରଙ୍କୁ ସହାୟତା ପାଇଁ ନିବେଦନ କରୁଛନ୍ତି। ସୂତ୍ର ଅନୁଯାୟୀ, ବୈଠକରେ ଭାରତୀୟ ତୈଳ ବାହକଙ୍କ ପାଇଁ ଏକ ପ୍ରମୁଖ ପଥ, ଇରାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ହର୍ମୁଜ ପ୍ରଣାଳୀ ବନ୍ଦ କରିବାରୁ ସୃଷ୍ଟି ହୋଇଥିବା ପରିସ୍ଥିତିର ସମୀକ୍ଷା ମଧ୍ୟ କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରାୟ ୧୦,୦୦୦ ଭାରତୀୟ ନାଗରିକ ଇରାନରେ ବାସ କରନ୍ତି, ଯେତେବେଳେ ଇସ୍ରାଏଲରେ ୪୦,୦୦୦ ରୁ ଅଧିକ ଲୋକ ବାସ କରନ୍ତି। ଉପସାଗରୀୟ ଦେଶ ଏବଂ ପଶ୍ଚିମ ଏସିଆରେ ରହୁଥିବା ଭାରତୀୟଙ୍କ ସଂଖ୍ୟା ପ୍ରାୟ ୯ ନିୟୁତ। ଅତୀତରେ ସଂଘର୍ଷ ମଧ୍ୟରେ ଭାରତ ପଶ୍ଚିମ ଏସିଆ ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ହଜାର ହଜାର ଭାରତୀୟଙ୍କୁ ସଫଳତାର ସହ ବାହାର କରିଛି। ବୈଦେଶିକ ମନ୍ତ୍ରଣାଳୟ (ଗରଇ) କହିଛି ଯେ ଏହି ଅଞ୍ଚଳର ଭାରତୀୟ ଦୂତାବାସଗୁଡ଼ିକ ସେମାନଙ୍କର ନାଗରିକଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ହେଲ୍ପଲାଇନ ସକ୍ରିୟ କରାଯାଇଛି।


## ଚିକିଟି ବ୍ଲକରେ ସର୍ବବୃହତ ସୁନାପୁର ବନ୍ଦର ପ୍ରତିଷ୍ଠା: ୨୧,୫୦୦ କୋଟିର ମହାପରିକଳ୍ପନା



ଚିକିଟି : ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକ ଅଧୀନ ସୁନାପୁର ଠାରେ ଥିବା ବାହୁଦା ମୁହାଣରେ ରାଜ୍ୟର ସବୁଠାରୁ ବଡ଼ ବନ୍ଦର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୧ ହଜାର ୫୦୦ କୋଟି ଟଙ୍କା ବ୍ୟୟ ହେବ ବୋଲି ସୂଚନା ମିଳିଛି। ୧୫୦ ଏମଟିପିଏ କାର୍ଗୋ ପରିବହନ କ୍ଷମତା ସହିତ ଏହି ବନ୍ଦର ଗଞ୍ଜାମ ଜିଲ୍ଲାର ଆର୍ଥିକ ନକ୍ସାକୁ ପରିବର୍ତ୍ତନ କରିବ ବୋଲି ଅଧିକାରୀମାନେ ଦାବି କରିଛନ୍ତି। ଏହି ପ୍ରକଳ୍ପ ରାଜ୍ୟର ବର୍ତ୍ତମାନ ରହିଥିବା ଧାମରା ବନ୍ଦର, ପାରାଦୀପ ବନ୍ଦର ଓ ଗୋପାଳପୁର ବନ୍ଦର ଠାରୁ ବଡ଼ ହେବ ବୋଲି କୁହାଯାଉଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମିହାନ୍ତିଙ୍କ ଅନୁସାରେ, ୧୬୯୮ରୁ ୧୭୦୯ ମଧ୍ୟରେ ଏଠାରୁ ୧୨ଟି ଜାହାଜ ବାଣିଜ୍ୟ କରୁଥିଲା। ୧୭୧୦ ଓ ୧୭୧୪ରେ କ୍ରମେ ୨୦ ଓ ୧୮ଟି ଜାହାଜ ମାଡ୍ରାସ ବନ୍ଦରକୁ ଯାଇଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ମଧ୍ୟ ବହୁ ପଣ୍ୟ ଜାହାଜ ଏଠାରୁ ବାଣିଜ୍ୟ କରୁଥିଲା। ସେ ସମୟରେ ଓଡ଼ିଆ, ତେଲୁଗୁ ଓ ମୁସଲମାନ ବଣିକମାନଙ୍କ ଜାହାଜ ଏଠାରୁ ଚାଲୁଥିଲା। ଓଡ଼ିଆ ବଣିକମାନେ ତାଙ୍କ ଇଷ୍ଟଦେବଙ୍କ ନାମରେ 'ଶମ୍ଭୁଶିବ', 'ଭବାନୀ ଶଙ୍କର', 'ଗୃହଲକ୍ଷ୍ମୀ', 'ଅର୍ଣ୍ଣପୂର୍ଣ୍ଣା' ପରି ଜାହାଜ ନାମକରଣ କରୁଥିଲେ। ପ୍ରକଳ୍ପ ପାଇଁ ୫ ହଜାର ଏକର ଲୁଣ ଜମି ପୋର୍ଟ ଓ ସିପିଂ ବିଭାଗକୁ ହସ୍ତାନ୍ତର ହୋଇଛି। ଏହାସହ ଆନ୍ଧ୍ର ଅଞ୍ଚଳରେ ଥିବା ୧୭୪୧ ଏକର ଜମିକୁ ମଧ୍ୟ ସଂଯୋଜନ କରାଯିବ। ଗତ ୧୯ ସେପଟେମ୍ବରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ସାଗରମାଳା ଫାଇନାନ୍ସ କର୍ପୋରେସନ ଲିମିଟେଡ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବନ୍ଦର ପ୍ରତିଷ୍ଠା ପରେ ଶତାଧିକ ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବ ବୋଲି ଆଶା କରାଯାଉଛି। ବନ୍ଦର ନିକଟରେ ଜାତୀୟ ରାଜପଥ ଓ ରେଳପଥ ଯୋଗାଯୋଗ ଥିବାରୁ ଜଳପଥ, ସଡ଼କ ଓ ରେଳପଥ ମାଧ୍ୟମରେ ସହଜରେ ମାଲ ପରିବହନ ସମ୍ଭବ ହେବ।


## ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, : ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ଜନତା ପାର୍ଟୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତରେ ରାଜ୍ୟର ସଂଗଠନ ସମନ୍ୱୟକୁ ସୁଦୃଢ଼ କରିବା ଏବଂ ବିକାଶ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଉପରେ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀ ଏକ୍ସରେ ସୂଚନା ଦେଇଛନ୍ତି। ସେହିପରି ସୁଶାସନ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ରାଜ୍ୟର ଲୋକଙ୍କ ବିକାଶ ପାଇଁ ଆମର ମିଳିତ ପ୍ରତିବଦ୍ଧତା ଉପରେ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ଚାଣକ୍ୟପୁରୀ ସ୍ଥିତ କୌଟିଲ୍ୟ ମାର୍ଗରେ ନିର୍ମାଣ ହେବାକୁ ଥିବା ୭ ମହଲା ବିଶିଷ୍ଟ ଓଡ଼ିଶା ଭବନ ନିର୍ମାଣ ପାଇଁ ୯୩ କୋଟି ୨୭ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଯେଉଁଥିରେ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ, ପାର୍କିଂ ସ୍ଥାନ ଏବଂ ପ୍ରାୟ ୪୫ଟି କୋଠରୀ ରହିବ ।



## ସହରୀକରଣ ରାଜ୍ୟ ଜିଡିପିର ଏକ ତୃତୀୟାଂଶ ଅଭିବୃଦ୍ଧି କରିବ: ଉଷା ପାଢ଼ୀ

ଭୁବନେଶ୍ୱର : 'ବିକାଶ ମନ୍ଥନ ୧.୦– ଗଭର୍ଣ୍ଣାନ୍ସ ଇନ୍ ଆକ୍ସନ'ର ଚତୁର୍ଥ ପ୍ଲେନାରୀ ଅଧିବେଶନ 'ସମୃଦ୍ଧ ଓଡ଼ିଶା'ରେ ରାଜ୍ୟକୁ ଏକ ଉଚ୍ଚ-ଅଭିବୃଦ୍ଧିଶୀଳ ଓ ଭବିଷ୍ୟତ-ପ୍ରସ୍ତୁତ ଅର୍ଥନୀତି ଦିଗରେ ଆଗେଇ ନେବା ପାଇଁ ଏକ ମହତ୍ୱାକାଂକ୍ଷୀ ତଥା ସମନ୍ୱିତ ରୋଡମ୍ୟାପ୍ ପ୍ରଦର୍ଶିତ ହୋଇଛି। ଏହି ଅଧିବେଶନରେ ବିଭିନ୍ନ ପ୍ରମୁଖ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଶିଳ୍ପ ସମ୍ପ୍ରସାରଣ, ସେବା କ୍ଷେତ୍ରର ରୂପାନ୍ତରଣ, ସହରୀ ସଂସ୍କାର, ପରିବହନ (ଲଜିଷ୍ଟିକ୍ସ) ସୁଦୃଢ଼ିକରଣ ଏବଂ ଗ୍ରାମୀଣ ଅର୍ଥନୀତିର ପୁନରୁଦ୍ଧାର ଉପରେ ବ୍ୟାପକ ଆଲୋଚନା କରିଥିଲେ। ଓଡ଼ିଶାର ବିକାଶଶୀଳ ଅର୍ଥନୈତିକ ପଥକୁ ନେଇ ଆଲୋଚନାରେ ଦୃଢ଼ ଆଶାବାଦ ପ୍ରକଟ ପାଇଥିବାବେଳେ, ପରିକଳ୍ପନାକୁ ବାସ୍ତବ ରୂପ ଦେବା ପାଇଁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧିବେଶନକୁ ସମ୍ବୋଧିତ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ରାଜ୍ୟର ଅଭିବୃଦ୍ଧିର ଇଞ୍ଜିନ ଭାବରେ ନଗରୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଓଡ଼ିଶାର ବର୍ତ୍ତମାନର ନଗରୀକରଣ ସ୍ତର ପ୍ରାୟ ୧୭ ପ୍ରତିଶତ ରହିଛି ଏବଂ ଏହାର ସମ୍ପୂର୍ଣ୍ଣ ଅର୍ଥନୈତିକ ସାମର୍ଥ୍ୟକୁ ବ୍ୟବହାର କରିବା ପାଇଁ ଏକ ସନ୍ତୁଳିତ ତଥା ଦୂରଦୃଷ୍ଟି ସମ୍ପନ୍ନ ସମ୍ପ୍ରସାରଣର ଆବଶ୍ୟକତା ରହିଛି। ସହରୀ ରୂପାନ୍ତରଣର ବିଶ୍ୱସ୍ତରୀୟ ଉଦାହରଣ ଦେଇ ପାଢ଼ୀ କହିଥିଲେ ଯେ, ରାଜ୍ୟ ଏବେ ପାରମ୍ପରିକ 'ସହର-କୈନ୍ଦ୍ରିକ' ବିକାଶ ମଡେଲରୁ ଏକ 'ସମନ୍ୱିତ ଅର୍ଥନୈତିକ-ଅଞ୍ଚଳ' ଢାଞ୍ଚାକୁ ପରିବର୍ତ୍ତିତ ହେଉଛି। ସହରୀ ଯୋଜନା ନିଶ୍ଚିତ ଭାବରେ ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି, ଉତ୍ପାଦନ ବୃଦ୍ଧି ଏବଂ ସମଗ୍ର ବିକାଶ ସହ ସଂଯୁକ୍ତ ହେବା ଉଚିତ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ସେ ଆଗାମୀ 'ଲିଭେବୁଲ୍ ସିଟି ମିଶନ' ର ରୂପରେଖ ଉପସ୍ଥାପନ କରିଥିଲେ। ଏହାର ଲକ୍ଷ୍ୟ ହେଉଛି ଉନ୍ନତ ମୌଳିକ ସେବା, ସବୁଜ ସାର୍ବଜନୀନ ସ୍ଥାନ, ସୁଦୃଢ଼ ଭିତ୍ତିଭୂମି ଏବଂ ନାଗରିକ-କୈନ୍ଦ୍ରିକ ଶାସନ ମାଧ୍ୟମରେ ସହରୀ ଜୀବନଶୈଳୀକୁ ଅଧିକ ସହଜ ଓ ସୁନ୍ଦର କରିବା। ଏହି ମିଶନ ସହିତ ନିରବଚ୍ଛିନ୍ନ ଗମନାଗମନ ବ୍ୟବସ୍ଥା ଏବଂ ସମନ୍ୱିତ ସହରୀ ଭିତ୍ତିଭୂମିରେ ପୁଞ୍ଜି ନିବେଶ କରାଯିବ, ଯାହାଫଳରେ ସହରଗୁଡ଼ିକ ଦକ୍ଷ, ସଂଯୁକ୍ତ ଏବଂ ଅନ୍ତର୍ଭୁକ୍ତିମୂଳକ ହୋଇପାରିବେ। ତାଙ୍କ ଉପସ୍ଥାପନାର ଏକ ପ୍ରମୁଖ ଆକର୍ଷଣ ଥିଲା ପ୍ରସ୍ତାବିତ ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଅର୍ଥନୈତିକ ଅଞ୍ଚଳ ଯାହା ରାଜ୍ୟ ପାଇଁ ଏକ ପରିବର୍ତ୍ତନକାରୀ ଅଭିବୃଦ୍ଧି କରିଡର ଭାବରେ ପରିକଳ୍ପନା କରାଯାଇଛି। କେବଳ ଉପକୂଳବର୍ତ୍ତୀ ଅଞ୍ଚଳ ନୁହେଁ, ବରଂ ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ସନ୍ତୁଳିତ ଆଞ୍ଚଳିକ ବିକାଶ ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର 'ସିଟି ଇକୋନୋମିକ ଜୋନ୍' ଗୁଡ଼ିକର ପରିକଳ୍ପନା କରୁଛନ୍ତି।



# ପ୍ରେମ ଗୁଣପୁରରେ ମୃତ୍ୟୁ ବାଙ୍ଗାଲୋରରେ . ସାମାନ୍ୟ ଭୁଲ ବୁଝାମଣା ନେଇଗଲା ଦୁଇ ଜୀବନ . ଘଟଣାର ଦୁଇ ଦିନ ପରେ ବାଙ୍ଗାଲୋର ପୋଲିସ ମୃତ ଦେହ କଲା ଉଦ୍ଧାର

ଗୁଣୁପୁର,(ପ୍ରତିଫଳନ ମିଡ଼ିଆ): ସ୍ତ୍ରୀକୁ ଖୁବ ଭଲ ପାଉଥିଲି। ଆମ ଭିତରେ ସାମାନ୍ୟ ବୁଝାମଣା ଅଭାବରୁ ଘଟିଗଲା ବଡ଼ ଘଟଣା। ମୁଁ ଶୋଇ ଉଠିଲା ବେଳକୁ ସ୍ତ୍ରୀ ସୋଫାରେ ଶୋଇ ଜୀବନ ହାରିଦେଇଛି। ମୁଁ ମଧ୍ୟ ଆଉ ବଞ୍ଚିବି ନାହିଁ। ମୋର ଏହା ଶେଷ ଭିଡିଓ। ଫାଶୀ ହୋଇ ମରିବି। ଆମ ମାରିବା ପାଇଁ କେହି ଦାୟୀ ନୁହଁନ୍ତି।' ତାପରେ ସତକୁ ସତ ପୋଲିସ ପାଇଲା ଦୁଇଟି ମୃତ ଦେହ। ସ୍ତ୍ରୀ ସୋଫାରେ ଶୋଇଛି ଏବଂ ସ୍ୱାମୀ ଝୁଲୁଛି। ଏମିତି ହୃଦୟ ବିଦାରକ ଘଟଣା ଘଟିଛି ବାଙ୍ଗୋଲୋରର ଏକ ଘରେ। ଆଉ ଦୁଇ ଜଣ ହେଉଛନ୍ତି ଓଡ଼ିଶାର। ପୁଅ ଗଜପତିର ଏବଂ ଝିଅ ରାୟଗଡା ଜିଲ୍ଲା ପୁଟାସିଂ ଅଞ୍ଚଳର। ଘଟଣା ଚର୍ଚ୍ଚାର ବିଷୟ ହୋଇପଡିଛି। ପ୍ରଥମେ ଭଲ ପାଇଲେ । ପରେ ବାହା ହେଲେ । ବାହା ହେବା ପରେ କର୍ଣାଟକ ଗଲେ । ସେଠାରେ ଉଭୟ ମିଶି ଘର ଭଡା ନେଇ ରହିଲେ । ଉଭୟଙ୍କ ଭିତରେ ଏମିତି କଣ ବୁଝାମଣା ଅଭାବ ରହିଲା ଯେ ଶେଷରେ




ଚରମ ନିଷ୍ପତ୍ତି ନେବାକୁ ପଛେଇ ନଥିଲେ । ଆମକୁ ମିଳିଥିବା ଏକ ଭିଡିଓ ରେ କୁହାଯାଉଚି ଯେ ହଟାତ ନିଦ ଭାଙ୍ଗିବା ବେଳକୁ ସ୍ୱାମୀ କୁଆଡେ ଦେଖିବାକୁ ପାଇଚି ଯେ ସ୍ତ୍ରୀ ଜୀବନ ହରି ସଫା ରେ ପଡିଚି । ଆଉ ଏକ ଭିଡିଓ ରେ ସ୍ତ୍ରୀ ମରିବା ପରେ ନିଜକୁ ଅସହାୟ ମନେ କରି ସ୍ୱାମୀ ମଧ୍ୟ ଜୀବନ ହାରିବା ପାଇଁ କହୁଚି । ଦୁଇ ଜଣଙ୍କ ମୃତ୍ୟୁ ନେଇ ସ୍ତ୍ରୀ ଘର ପରିବାର ଓ ସ୍ୱାମୀ ଘର ପରିବାର କେହି ଦାୟୀ ନୁହଁନ୍ତି । ଏଥିପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ଦାୟୀ । ସ୍ତ୍ରୀ ର ଭାଇ କୁ କ୍ଷମା କରିବା ପାଇଁ କୁହାଯାଇଛି । ସ୍ତ୍ରୀ ଜୀବନ ଚାଲି ଯିବା ପରେ ତାର ମଥା ଓ ବେକ ରେ ନେଲ ପଲିସ ଲଗାଉଛି । ତାପରେ ସ୍ୱାମୀ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ତେବେ ନିଜ ମୋବାଇଲ୍ ରେ ନିଜେ ଭିଡିଓ କରିଛି ନା ଆଉ କିଏ ଭିଡିଓ କରିଛି ତାହା ସନ୍ଦେହ ଘେରରେ । ଭିଡିଓ ରୁ ଜଣା ପଡୁଛି ଯେ ୨୦୨୬ ଫେବୃୟାରୀ ୨୫ ତାରିଖ ଭୋର ୨ ଟା ୨୩ ମିନିଟ ସମୟ ରେ ଫୋଟ ଉଠାଯାଇଛି । ପୋଲିସ କୌଣସି ସୂତ୍ର ରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରିବା ପରେ ଝିଅ ଘର ପରିବାର ଜାଣିବାକୁ ପାଇଥିଲେ । ମିଳିଥିବା ସୂଚନା ଅନୁସାରେ ଗଜପତି ଜିଲ୍ଲା ଅଡବା ଥାନା ବଚେବା ଗାଁ ର ଦୀପନ୍ତ ଶବର । ସେ ରାୟଗଡ଼ା ଜିଲ୍ଲା ଗୁଣପୁର କୁ କାମ ଅନ୍ୱେଷଣ ରେ ଆସି ରହୁଥିଲେ । ରାୟଗଡା ଜିଲ୍ଲା ଗୁଣପୁର ବ୍ଲକ ଲାଞ୍ଜିଆ ସଉରା ଅଞ୍ଚଳ ପୁଟାସିଂ ଥାନା ରିଜିଙ୍ଗତାଲ ଗାଁ ର ମଞ୍ଜୁଳା ଶବର ବୟସ ୨୨ ବର୍ଷ ବୋଲି ଜଣାପଡ଼ୁଛି । ସେ ମଧ୍ୟ ଗୁଣପୁର ସହର କୁ ଆସି ଦିନ ମଜୁରିଆ କାମ କରୁଥିଲେ । ମଞ୍ଜୁଳା ଓ ଦୀପନ୍ତ ମଧ୍ୟରେ ପ୍ରଥମେ ପରିଚୟ ପରେ ବନ୍ଧୁତା ତାପରେ ଭଲ ପାଇବା । ଶେଷରେ ବାହା ହୋଇ ଅନ୍ୟ ରାଜ୍ୟ କୁ ଚାଲି ଯାଆନ୍ତି । ଦୀପନ୍ତ ର ପ୍ରଥମ ସ୍ତ୍ରୀ ଅଛନ୍ତି । କାମ କରିବାକୁ ଯାଇ ମଞ୍ଜୁଳା ଘର କୁ ନ ଫେରିବା ପରେ ପରିବାର ଖୋଜାଖୋଜି କରି କିଛି ସନ୍ଧାନ ନ ପାଇବା ପରେ ଗତ ସେପଟ୍ମେର ମାସ ରେ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ପୁଟାସିଂ ଥାନା ରେ ଅଭିଯୋଗ କରିଥିଲେ । ଦେହକୁ ପହଞ୍ଚାଇବା ପାଇଁ ପରିବାର ପକ୍ଷରୁ ସରକାର ଓ ପ୍ରଶାସନ କୁ ନିବେଦନ କରୁଛନ୍ତି ।

# ବ୍ୟବସ୍ଥାକୁ ନୂଆ ଗତି ଦେବାରେ ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ମନ୍ତ୍ରୀ




ଭୁବନେଶ୍ୱର, : ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପ୍ରାଥମିକତା ରହିଆସିଛି। ଏହି କ୍ରମରେ ଆମ ଦେଶରେ ଭାରତୀୟ ନ୍ୟାୟ ସଂହିତାଠାରୁ ଆରମ୍ଭ କରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ପ୍ରଚଳନ ଆରମ୍ଭ ହୋଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସାଧାରଣ ଲୋକଙ୍କୁ ସହଜ ଓ ତ୍ୱରିତ ନ୍ୟାୟ ପ୍ରଦାନ। ଏହି କ୍ରମରେ ବିଭିନ୍ନ ଜିଲ୍ଲାରେ ଅଣକ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟର ନିଯୁକ୍ତ ହୋଇଛନ୍ତି। ନବନିଯୁକ୍ତମାନେ ନ୍ୟାୟ ବ୍ୟବସ୍ଥାକୁ ତ୍ୱରିତ ଗତିରେ ଆଗେଇ ନେବା ଏବଂ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଆଇନ ବିଭାଗ ଏବଂ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅଣକ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଆମ ଦେଶରେ ପ୍ରଚଳିତ ନ୍ୟାୟ ବ୍ୟବସ୍ଥାରେ ପୀଡ଼ିତ ଓ ଅସହାୟମାନଙ୍କୁ ଆଇନ ସହାୟତା ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ ରହିଛି। ଏଣୁ ଦେଶର ଆଇନ ବ୍ୟବସ୍ଥାକୁ ଭଲ ଭାବେ ବୁଝିବା ସହିତ ନ୍ୟାୟ ପ୍ରକ୍ରିୟାକୁ କିଭଳି ସଠିକ୍ ଢଙ୍ଗରେ ଆଗେଇ ନେଇହେବ ସେଥିନେଇ ପବ୍ଲିକ୍ ପ୍ରସିକ୍ୟୁଟରମାନେ ଏହି ତାଲିମ ଶିବିରରୁ ଜ୍ଞାନ ଆହୋରଣ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ପରବର୍ତ୍ତୀ ସମୟରେ ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କୁ ନିୟମିତ ଅନ୍ତରାଳରେ ତାଲିମ ଓ ପ୍ରଶିକ୍ଷଣ ସହ ପ୍ରତିମାସରେ ସମସ୍ତଙ୍କ କାର୍ଯ୍ୟର ସମୀକ୍ଷା କରାଯିବା ନେଇ ବ୍ୟବସ୍ଥା କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେବା ସହ ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସୂଚନା ଦେଇଥିଲେ । ପବ୍ଲିକ୍ ପ୍ରସିକ୍ୟୁସନ୍‌ର ନିର୍ଦ୍ଦେଶକ ଶ୍ରୀ ଦୀପ୍ତି ରଞ୍ଜନ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିବାବେଳେ ଆଭାସି ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଅଣ-କ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟରମାନେ ଯୋଗଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ କଟକ, ଗଞ୍ଜାମ, ସମ୍ବଲପୁର, ବାଲେଶ୍ୱର, ପୁରୀ, କୋରାପୁଟ ଓ ଅନୁଗୁଳ ଜିଲ୍ଲାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୂର୍ବରୁ କ୍ୟାଡର ପ୍ରସିକ୍ୟୁଟରମାନଙ୍କ ପାଇଁ ପୂର୍ବରୁ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଥିବାବେଳେ ଅଣକ୍ୟାଡର ପ୍ରସିକ୍ୟୁଟର ମାନଙ୍କ ପାଇଁ ଏପରି ସଂଗଠିତ ପ୍ରୟାସ ପ୍ରଥମ ଥରପାଇଁ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଛି।

## ରାଜ୍ୟସଭା ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା

# ମନମୋହନ ସାମଲ, ସୁଜିତ କୁମାରଙ୍କୁ ମିଳିଲା ବିଜେପି ଟିକେଟ୍





ଭୁବନେଶ୍ୱର: ବିଜେପି ଶାସକ ଦଳରେ ଥିବାରୁ ଏଥିରୁ କିଏ ରାଜ୍ୟସଭାକୁ ଯିବେ, ତାହାକୁ ନେଇ ସର୍ବାଧିକ ଚର୍ଚ୍ଚାରେ ଏକ ପ୍ରକାର ଅନ୍ତ ଘଟିଛି। ବିଜେପି ୨ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା ବେଳେ ଆଉ ଏକ ଆସନ ପାଇଁ ଅଙ୍କ କଷୁଛି। ଦୁଇଟି ଆସନରେ ବିଜେପି ଜିତିବାରେ କିଛି ସମସ୍ୟା ନାହିଁ। କିନ୍ତୁ ତୃତୀୟ ଆସନଟି ବି ବିଜେପି ସପକ୍ଷରେ ଯିବାର ସମ୍ଭାବନା ଅଧିକ ଥିବାରୁ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ସୁଜିତ କୁମାର ଓ ମମତା ମହନ୍ତ ବିଜେଡିର ରାଜ୍ୟସଭା ସଦସ୍ୟ ଥିଲା ବେଳେ ଇସ୍ତଫା ଦେଇ ପୁନର୍ବାର ବିଜେପି ପ୍ରାର୍ଥୀ ଭାବେ ଜିତିଥିଲେ। ଉଭୟଙ୍କର କାର୍ଯ୍ୟକାଳ ଏବେ ଶେଷ ହେଉଛି। ବିଜେପିର ଆଭ୍ୟନ୍ତରୀଣ ମହଲର ସୂଚନା ଅନୁଯାୟୀ ସୁଜିତ କୁମାରଙ୍କୁ ବିଜେପି ପ୍ରାର୍ଥୀ କରିଛି। ବିଜେପିର କେନ୍ଦ୍ରୀୟ ନେତୃତ୍ୱ ମଧ୍ୟ ଏ ନେଇ ପରୋକ୍ଷରେ ଇଙ୍ଗିତ ଦେଇଥିବା ବହୁ ନେତା ଖୋଲାଖୋଲି କହୁଛନ୍ତି। ସେହିପରି ବିଜେପିର ଅନ୍ୟତମ ଟାଣୁଆ ନେତା ମନମୋହନ ସାମଲ ମଧ୍ୟ ଦଳରୁ ପ୍ରାର୍ଥୀ ହୋଇଛନ୍ତି।

ସୂଚନାଯୋଗ୍ୟ, ଗତମାସ ୨୮ ତାରିଖ ଦିନ ବିଜୁ ଜନତର ଦଳ (ବିଜେଡି) ରାଜ୍ୟସଭାପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ସନ୍ତୃପ୍ତ ମିଶ୍ର ଦଳୀୟ ପ୍ରାର୍ଥୀ ଓ ଡାକ୍ତର ଦତ୍ତେଶ୍ୱର ହୋତା କମନ୍ କ୍ୟାଣ୍ଡି ?ଡେଟ୍ ହେବେ ବୋଲି ଘୋଷଣା କରିଛନ୍ତି। ଡା.ଦତ୍ତେଶ୍ୱର ହେତା ନବୀନ ନିବାସରେ ପହଞ୍ଚିବା ପରେ ତାଙ୍କ ନାମକୁ ନେଇ ଚର୍ଚ୍ଚାଜୋର୍ ଧରିଥିଲା। ଫେବ୍ରୁଆରି ୨୭ ତାରିଖ ଭଳି ୨୮ ତାରିଖ ଦିନ ମଧ୍ୟ ନବୀନ ନିବାସରେ ବିଜେଡିର ବିଧାୟକମାନଙ୍କୁ ଡକାଯାଇଥିଲା। ଯେହେତୁ ମୁଣ୍ଡ ଉପରେ ରାଜ୍ୟସଭା ନିର୍ବାଚନ ଅଛି, ତେଣୁ ବିଧାୟକଙ୍କ ବେ ?ଠକରେ ପ୍ରାର୍ଥୀଙ୍କ ସମ୍ପର୍କରେ ଆଲୋଚନା ହେବ ବୋଲି ସମସ୍ତେ ଭାବି ନେଇଥିଲେ। ସାରା ରାଜ୍ୟର ନଜର ଥିଲା ନବୀନ ନିବାସ ଉପରେ। ୩୦/୩୫ ବିଧାୟକ ନବୀନ ନିବାସରେ ପହଞ୍ଚିଥିଲେ ବି ନବୀନଙ୍କୁ ଦେଖା କରିପାରି ନଥିଲେ। ଦୁଇ ତିନି ଜଣ ବିଧାୟକ ନବୀନଙ୍କୁ ବ୍ୟକ୍ତିଗତ ଭାବେ ଭେଟିଥିଲେ। ଅନ୍ୟମାନେ ଚା, ବିସ୍କୁଟ୍ ଖାଇ ଫେରିଥିଲେ।

## ସଂପାଦକୀୟ......

# ଚାଲି ନ ଜାଣି ବାଟର ଦୋଷ

ତାଲିବାନ ପାକିସ୍ତାନ ପାଇଁ ଏକ କଣ୍ଟା ପାଲଟିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଅସୁବିଧାରେ ପଡ଼ିଛନ୍ତି। ଭାରତ ସମ୍ମୁଖରେ ନିଜକୁ ଦେଖାଇବାକୁ ବିଫଳ ହୋଇଥିବା ପାକିସ୍ତାନ ଏବେ ଆଫଗାନିସ୍ତାନ ଆଗରେ ଆଣ୍ଠୁମାଡ଼ି ବସିଛି। ତାଲିବାନର ନିରନ୍ତର ଆକ୍ରମଣ ପରେ, ଶରିଫ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଆଗ୍ରହ ଦେଖାଇବା ପାକିସ୍ତାନର ଦୁର୍ବଳତା ପ୍ରକାଶ କରୁଛି। ଏହା ବ୍ୟତୀତ ସେ ପାକିସ୍ତାନ ଉପରେ ଆକ୍ରମଣ ପାଇଁ ଭାରତକୁ ଦାୟୀ କରିଛନ୍ତି।ଏହା ବ୍ୟତୀତ ସେ ପାକିସ୍ତାନ ଉପରେ ଆକ୍ରମଣ ପାଇଁ ଭାରତକୁ ଦାୟୀ କରିଛନ୍ତି। ଶରିଫ କହିଛନ୍ତି ଯେ ପାକିସ୍ତାନ ଯୁକ୍ତିଯୁକ୍ତ ସର୍ତ୍ତରେ ତାଲିବାନ ଶାସନ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ। ପାକ-ଆଫଗାନ ସୀମା ଉତ୍ତେଜନା ଉପରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଉଦବୋଧନ ଦେଇ ଶରିଫ୍ କହିଛନ୍ତି ଯେ, ସ୍ଥାୟୀ ଅସ୍ତ୍ରବିରତି ପାଇଁ ବଲ ଏବେ ତାଲିବାନ ଶାସନ କୋର୍ଟରେ ଅଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ଆଫଗାନିସ୍ତାନରେ ଆକ୍ରମଣ ପାଇଁ ଭାରତକୁ ଦାୟୀ କରିଛନ୍ତି ସେ କହିଛନ୍ତି, ପାକିସ୍ତାନ ଉପରେ ଆକ୍ରମଣ ଭାରତର ନିର୍ଦ୍ଦେଶରେ ତାଲିବାନ ଶାସନ ଦ୍ୱାରା କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତ୍ତାକିଙ୍କ ଗସ୍ତ ସମୟରେ ପାକିସ୍ତାନ ଉପରେ ଆକ୍ରମଣ ହୋଇଥିଲା। ଶାହବାଜ ଏହା ମଧ୍ୟ କହିଥିଲେ ଯେ ପାକିସ୍ତାନ ଶାନ୍ତି ଚାହୁଁଛି। ପାକିସ୍ତାନ ଭାରତ ଚାରି ଦିନର ରକ୍ତପାତ ଏବଂ ସୀମାପାର ଆକ୍ରମଣ ପରେ, ଶେଷରେ ପାକିସ୍ତାନ ଏବଂ ତାଲିବାନ ମଧ୍ୟରେ ଏକ ଅସ୍ତ୍ରବିରତି ଘୋଷଣା ହୋଇଛି। ବୁଧବାର (୧୫ ଅକ୍ଟୋବର, ୨୦୨୫) ସନ୍ଧ୍ୟା ୬ଟାରୁ କାର୍ଯ୍ୟକାରୀ ହୋଇଥିବା ଏହି ଅସ୍ତ୍ରବିରତି ସାମୟିକ ଆଶ୍ୱସ୍ତି ପ୍ରଦାନ କରିଛି, କିନ୍ତୁ ଏହା ପଛରେ ଥିବା କ୍ଷତ ଏବେବି ଗଭୀର ରହିଛି। ଆଫଗାନିସ୍ତାନରେ ତାଲିବାନ ଏକ ଐତିହାସିକ ବିଜୟ ପାଳନ କରୁଥିବା ବେଳେ, ପାକିସ୍ତାନର କ୍ରୋଧ ଏବଂ ପାଇଥିବା କଷ୍ଟ ସ୍ପଷ୍ଟ ଭାବରେ ଦେଖାଯାଉଛି। ଏହି ସୀମାପାର ସଂଘର୍ଷରେ, ତାଲିବାନ ଯୋଦ୍ଧାମାନେ ପାକିସ୍ତାନୀ ସେନା ବିରୁଦ୍ଧରେ କଡ଼ା ପ୍ରତିଶୋଧ ନେଇଥିଲେ। ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓଗୁଡ଼ିକରେ ଦାବି କରାଯାଇଛି ଯେ ଆଫଗାନ ସେନା ପାକିସ୍ତାନୀ ସୈନିକଙ୍କୁ ହତ୍ୟା କରିବା ସହ ବର୍ବର କାଣ୍ଡ ଘଟାଇଛନ୍ତି। ଅନେକ ସ୍ଥାନରେ ପାକିସ୍ତାନୀ ସୈନିକଙ୍କ ୟୁନିଫର୍ମ ଏବଂ ପ୍ୟାଣ୍ଟ ପ୍ରଦର୍ଶନ କରାଯାଇଥିଲା, ଯାହାକୁ ତାଲିବାନ ସେମାନଙ୍କ ବିଜୟର ପ୍ରତୀକ ଭାବରେ ପ୍ରଦର୍ଶନ କରୁଛନ୍ତି। ଏହା ବ୍ୟତୀତ, କାନ୍ଦାହାର ନିକଟରେ ତାଲିବାନ ଏକ ପାକିସ୍ତାନୀ ଟି୫୫ ଟ୍ୟାଙ୍କକୁ କବଜା କରିଥିବା ଜଣାପଡ଼ିଛି। ତଥାପି, ଏହା ସରକାରୀ ଭାବରେ ନିଶ୍ଚିତ ହୋଇନାହିଁ। ଭାଇରାଲ ଭିଡିଓରେ ତାଲିବାନ ଯୋଦ୍ଧାମାନେ ଟ୍ୟାଙ୍କରେ ଚଢ଼ି ବିଜୟ ପରେଡ୍ କରୁଥିବା ଦେଖାଯାଉଛି। ରିପୋର୍ଟ ହୋଇଛି ଯେ ପାକିସ୍ତାନୀ ସେନା ତା'ର ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଛାଡି ପଛକୁ ହଟିଯାଇଛି। ଏହି ନୃଶଂସ ଘଟଣା ପରେ, ପାକିସ୍ତାନରେ ସାଧାରଣଲୋକଙ୍କ କ୍ରୋଧ ଏବେ ଶୀର୍ଷରେ ପହଞ୍ଚିଛି। ଅନେକ ପାକିସ୍ତାନୀ ନାଗରିକ ଏବଂ ବିଶ୍ଳେଷକ ନିଜ ସରକାର ଏବଂ ସେନାକୁ ପ୍ରଶ୍ନ କରିବାରେ ଲାଗିଛନ୍ତି । ଏପରିକି ଅନେକ ପାକିସ୍ତାନୀ ଭାରତକୁ ପ୍ରଶଂସା କରିବା ମଧ୍ୟ ଆରମ୍ଭ କରିଛନ୍ତି । ପାକିସ୍ତାନୀ ବିଶ୍ଳେଷକ ଜୈଗମ୍ ଖାନ ଇନଷ୍ଟାଗ୍ରାମରେ ଲେଖିଛନ୍ତି ଯେ ଭାରତ ଆମର ଶତ୍ରୁ, କିନ୍ତୁ ସେ କେବେ ଆମର ସହିଦମାନଙ୍କୁ ଅପମାନ କରିନାହିଁ। ଯଦି ଆଫଗାନିମାନଙ୍କର ଟିକେ ସମ୍ମାନ ବାକି ଅଛି, ତେବେ ପ୍ରଥମେ ନିଜର କାର୍ଯ୍ୟକୁ ସୁଧାର । ବିଶ୍ଳେଷକଙ୍କ ଏହି ମନ୍ତବ୍ୟ ୧୯୯୯ କାର୍ଗିଲ ଯୁଦ୍ଧର ସ୍ମୃତିକୁ ଫେରାଇ ଆଣିଥିଲା, ଯେତେବେଳେ ଭାରତୀୟ ସେନା ପାକିସ୍ତାନୀ ସୈନିକମାନଙ୍କର ଅନ୍ତିମ ସଂସ୍କାର କରିଥିଲା, ଯାହାକୁ ପାକିସ୍ତାନୀ ସେନା ନିଜର ବୋଲି ସ୍ୱୀକାର କରିବାକୁ ବି ମନା କରିଦେଇଥିଲା। ଜଗମ୍ ଖାନଙ୍କ ପୋଷ୍ଟର ପ୍ରତିକ୍ରିୟାରେ ଅନେକ ବ୍ୟବହାରକାରୀ ପାକିସ୍ତାନୀ ସେନାକୁ ଟାର୍ଗେଟ କରିଛନ୍ତି। ଜଣେ ବ୍ୟବହାରକାରୀ ଲେଖିଛନ୍ତି, "ନିଜ ଦେଶର ସହିଦମାନଙ୍କୁ ଅପମାନିତ କରିବାରେ ପାକିସ୍ତାନର କୌଣସି ତୁଳନା ନାହିଁ। କାରଗିଲରେ, ଆମର ସୈନିକମାନଙ୍କୁ ପରିତ୍ୟକ୍ତ କରାଯାଇଥିଲା, ଏବଂ ଭାରତ ସେମାନଙ୍କୁ ପୂର୍ଣ୍ଣ ସାମରିକ ସମ୍ମାନ ସହିତ କବର ଦେଇଥିଲା।" ଏହି ପ୍ରତିକ୍ରିୟାଗୁଡ଼ିକ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ ତାଲିବାନ ଆକ୍ରମଣ ପାକିସ୍ତାନ ଭିତରେ ଗଭୀର ଅଶାନ୍ତି ସୃଷ୍ଟି କରିଛି। ଲୋକମାନେ ଏବେ ପ୍ରଶ୍ନ କରୁଛନ୍ତି ଯେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଏକ ଦେଶ ଏବେ ସେମାନଙ୍କ ଦ୍ୱାରା ଅପମାନିତ ହେଉଛି କାହିଁକି ? ବୈଦେଶିକ ମନ୍ତ୍ରୀ ଇସାକ ଦାର ଏବଂ ପ୍ରତିରକ୍ଷା ମନ୍ତ୍ରୀ ଖଓ୍ୱାଜା ଆସିଫଙ୍କୁ କାବୁଲ ପଠାଇଛି। ପାକିସ୍ତନ ସହିତ ଯୁଦ୍ଧରେ ଭାରତର କୌଣସି ସଂଶ୍ଳିଷ୍ଟ ନାହିଁ ବୋଲି ଆଫ୍‌ଗାନିସ୍ତାନ ପ୍ରତିରକ୍ଷାମନ୍ତ୍ରୀ ପ୍ରତିକ୍ରିୟାରେ କହିସାରିଛନ୍ତି। ଶତ୍ରୁର ମନୋଭାବ ପୋଷଣ ରଖିଥିବା ପାକିସ୍ତାନ କେବେ ବି ଭାରତ ପ୍ରତି ସଦ୍‌ଭାବନା ପୋଷଣ କରିପାରିବ ନାହିଁ। ଆତଙ୍କବାଦ ସୃଷ୍ଟି କରୁଥିବା ଦେଶ ଆଜି ସେହିମାନଙ୍କ ଜାଲରେ ପଡି କିଳିକିଳା ଡାକ ଦେଇ ଭାରତ ଉପରେ ଦୋଷ ଲଦୁଛି। ଭାରତ କଥାରେ ପଡ଼ି ପାକିସ୍ତାନ ଉପରେ ଆଫ୍‌ଗାନିସ୍ତାନ ଏପରି ହିଂସାତ୍ମକ ପନ୍ଥା ଗ୍ରହଣ କରୁଛି ବୋଲି ପାକ୍ ପ୍ରଧାନମନ୍ତ୍ରୀ ପ୍ରତିକ୍ରିୟା ଦେଇଛନ୍ତି। ଏସବୁରୁ ଆମର ପାକ୍‌କୁ ଗୋଟିଏ କଥା କହିବାକୁ 'ଚାଲି ନ ଜାଣି ବାଟର ଦୋଷ' ନ ଦେଲେ ଭଲ ହେବ।

# ଦୁର୍ନୀତିର କୁପ୍ରଭାବ ଓ ଆଦ୍ୟ ସଚେତନତା

ରାଜେଶ କୁମାର ଦାସ

ଆମ ହିନ୍ଦୁ ସମାଜରେ ଧନଧାନ୍ୟ ଓ ସୁଖ ସମୃଦ୍ଧି ଲାଭ ପାଇଁ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ଘରର ନବ ବଧୂମାନେ ହେଲେ ଗୃହଲକ୍ଷ୍ମୀ, ରାଜ ଉଆସରେ ପୂଜା ପାଉଥିବା ଦେବୀ ହେଲେ ରାଜଲକ୍ଷ୍ମୀ, ମନ୍ଦିରରେ ପୂଜା ପାଉଥିବା ଦେବୀ ହେଲେ ଶ୍ରୀଲକ୍ଷ୍ମୀ, ମହାଲକ୍ଷ୍ମୀ, କୁମାର ପୂର୍ଣ୍ଣମୀରେ ପୂଜା ପାଉଥିବା ଦେବୀ ହେଲେ ଗଜଲକ୍ଷ୍ମୀ। ଲକ୍ଷ୍ମୀଙ୍କର ଅନେକ ରୂପ ଅନେକ ନାମ ରହିଛି। ସାତ୍ତ୍ୱିକ ପୂଜା କଲେ ଲକ୍ଷ୍ମୀ ଯାହା ଦାନ କରନ୍ତି ସେଥିରେ ପରିବାରର ମଙ୍ଗଳ ହୁଏ କର୍ତ୍ତାଙ୍କର ଧନ ସଂପଦ ବୃଦ୍ଧି ଘଟେ। ଏକଦା ଓଡ଼ିଶାର ଜଣେ ପ୍ରଖ୍ୟାତ ରାଜନେତା ମନ୍ତବ୍ୟ ଦେଇଥିଲେ 'ଦୁର୍ନୀତିକୁ ନୀତି କରିଦେଲେ ସବୁ ଚଳିଯାଆନ୍ତା'। ତାଙ୍କ କଥାକୁ ନିରିଖେଇ ଦେଖିଲେ ଜଣାଯାଏ କଥାଟା ବାସ୍ତବିକ ଅତ୍ୟୁକ୍ତି ନୁହେଁ।

କିନ୍ତୁ ବର୍ତ୍ତମାନ ଯୁଗରେ ଆଉ ଲୋକମାନେ ଲକ୍ଷ୍ମୀଙ୍କର ସାତ୍ତ୍ୱିକ ପୂଜା ଉପାସନା କରି ଧନ ମାଗୁ ନାହାଁନ୍ତି। ଏ ସାତ୍ତ୍ୱିକ ପୂଜାର ଧନ ସାଧାରଣ ଭାବେ ଆସେ ସାଧାରଣ ଭାବେ ଖର୍ଚ୍ଚ ହୁଏ। କିନ୍ତୁ ଦୁର୍ନୀତିଗସ୍ତ ସରକାରୀ କର୍ମଚାରୀ, ରାଜନେତା ଏମାନେ ଅଳ୍ପ ଧନରେ ସନ୍ତୁଷ୍ଟ ନୁହଁନ୍ତି। ଏମାନଙ୍କର ଉପାସନାର ଦେବୀ ହେଲେ ଦୁର୍ନୀତି ଲକ୍ଷ୍ମୀ। ଏମାନେ ଦୁର୍ନୀତି ଲକ୍ଷ୍ମୀଙ୍କ ଉପାସନା କରି ମାଗନ୍ତି ଟଙ୍କା ଦେ, ସୁନା ଦେ, ଭୂମି ଦେ, କୋଠା ଦେ, ଗାଡ଼ି ଦେ, ଘୋଡ଼ା ଦେ ଉଚ୍ଚପଦବୀ ଦେ। ଏମାନଙ୍କ ବ୍ୟାକୁଳତାରେ ଲକ୍ଷ୍ମୀ ମୃଦୁ ମୃଦୁ ହସନ୍ତି ଏବଂ ହାତ ଖୋଲି ଏମାନଙ୍କ କୋଳରେ ଟଙ୍କା, ସୁନା, ରୂପା, କୋଠା, ଜମି, ଗାଡ଼ି ସବୁ ଦେଇ ଦିଅନ୍ତି। ସେତେବେଳେ ଏହି ଦୁର୍ନୀତିର ଉପାସକମାନେ ଛାତି ଫୁଲେଇ, ନିଶ ଫୁଲେଇ ସେମାନଙ୍କର ପାରିବାର ପଣିଆ ଦେଖାନ୍ତି। ପିତା, ମାତା, ଭାଇ ବନ୍ଧୁ, ଶାଶୂ ଶଶୁର ସମସ୍ତେ ଚମକୃତ ହୁଅନ୍ତି କହି ବୁଲନ୍ତି ଆମ ପୁଅ ମନ୍ତ୍ରୀଙ୍କ ଡାହାଣ ହାତ ଯାହା ଚାହିଁବ ତାହା କରିପାରିବ। ସବୁ ବଡ଼ ବଡ଼ିଆ ହାତ ମୁଠାରେ, କେହି କିଛି କରିପାରିବେ ନାହିଁ। ଦୁର୍ନୀତି ଉପାର୍ଜିତ ଧନ ବଢ଼ି ବଢ଼ି ଚାଲେ।

ହଠାତ୍ ଦିନେ ଭୋର ଚାରିଟା ବେଳେ ବାବୁଙ୍କ ଘର ଚାରିକଡ଼ରେ ଘେରି ଯାଆନ୍ତି ପୁଲିସ ଦଳ। କଲିଙ୍ଗ ବେଲ ବାଜିଉଠେ, ବାବୁ ବିଛଣାରୁ ଉଠି ବାହାରି ଆସନ୍ତି ଦୋତାଲାର ବାଲକୋନୀ ଉପରକୁ। ପୁଲିସ ଦଳ କବାଟ ଠକ ଠକ କରନ୍ତି ସାର କବାଟ ଖୋଲନ୍ତୁ। କୋର୍ଟରୁ ଓ୍ୱାରଣ୍ଟ ଧରି ଆସୁଛୁ ଆପଣଙ୍କ ଘର ଖାନତଲାସ ହେବ। ବାବୁଙ୍କ ମୁହଁ କଳା କାଠ ପଡ଼ିଯାଏ। ପଳେଇ ଯିବାର ବାଟ ନାହିଁ। କବାଟ ଖୋଲିଯାଏ ପୁଲିସ ଦଳ ସବୁ ଘରକୁ ଜଗି ଯାଆନ୍ତି, ଚାଲେ ଖାନତଲାସ। ଆଲମାରି ଭିତରେ ପାଞ୍ଚ ଶହ ଟଙ୍କିଆର ନୋଟ ବିଡ଼ା ଥାକ ଥାକ ହୋଇ ଖୁନ୍ଦି ହୋଇଛି। ଆଇରନ ଚେଷ୍ଟ ଭିତରେ କିଲୋ କିଲୋ ସୁନାର ଗହଣା। ଭିଜିଲାନ୍ସ ବାଲାଙ୍କର ଆଖି ଖୋସି ହୋଇଯାଏ। ମେସିନ ଆଣି ଟଙ୍କା ଗଣାଯାଏ। କେଉଁଠି କୋଟିଏ ଭିତରେତ କେଉଁଠି କୋଟି କୋଟିର ବଣ୍ଡଲ। କେବଳ ସେତିକି ନୁହେଁ ସହର ଭିତରେ ଅନେକ ପ୍ଲଟ କୋଠା, ଗାଡ଼ି ଆହୁରି ଅଚଳାଚଳ ସମ୍ପତ୍ତିର କାଗଜପତ୍ର। କାହାର ରାଜ୍ୟ ବାହାରେ ତ କାହାର ଦେଶ ବାହାରେ ମଧ୍ୟ କୋଠା ବାଡ଼ି ଆହୁରି ମଧ୍ୟ ବ୍ୟାଙ୍କ ବାଲାନ୍ସ।

ସେତିକି ବେଳେ ଲକ୍ଷ୍ମୀ ଠାକୁରାଣୀ ସେ ଘର ଛାଡ଼ି ଚାଲିଯାଆନ୍ତି। ପ୍ରବେଶ କରନ୍ତି ଅଲକ୍ଷ୍ମୀ। ସକାଳୁ ସକାଳୁ ଧରା ପଡ଼ିଥିବା ବାବୁ ମାନଙ୍କ ଫଟୋ ସହିତ ଗଣମାଧ୍ୟମରେ ବାହାରି ପଡ଼େ ବଡ଼ ବଡ଼ ଖବର। ଦୁର୍ନୀତି ଗ୍ରସ୍ତ ତହସିଲଦାରଙ୍କ ଠାରୁ ପୁଲିସ ଅଫିସର, ଇଞ୍ଜିନିୟରଙ୍କ ଠାରୁ ସିଭିଲ ସପ୍ଲାଏ ଅଫିସର, ଫରେଷ୍ଟରଙ୍କ ଠାରୁ କେଡ଼େ କେଡ଼େ ବିଭାଗର ଟାଣୁଆ ଟାଣୁଆ ଅଫିସରଙ୍କ ନାମ ହାତ କଡ଼ି ପଡ଼ି ଯାଆନ୍ତି ଜେଲକୁ। ଏହି ବାବୁମାନେ କେବଳ ନିଜେ ଲଜ୍ଜିତ ହୁଅନ୍ତି ନାହିଁ। ପିତା, ମାତା, ଶାଶୂ ଶଶୁର, ଭାଇ, ବନ୍ଧୁ, ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ଲଜ୍ୟାରେ ବୁଡ଼ାଇ ଦିଅନ୍ତି। ସମସ୍ତଙ୍କ ମୁହଁ କଳା ପଡ଼ିଯାଏ। ଯେଉଁମାନେ ଦିନେ ତାଙ୍କୁ ମନ୍ତ୍ରୀଙ୍କ ଡାହାଣ ହାତ ବା ପାଓ୍ୱାରଫୁଲ ବଡ଼ ନେତା ବା ବଡ଼ ଅଫିସରଙ୍କ ପାଖ ଲୋକ ବୋଲି କହୁଥିଲେ ଏବେ କ'ଣ କହିବେ ସେ ଶବ୍ଦ ତାଙ୍କୁ ବୋଧେ ହୁଏ ମିଳୁନାହିଁ। ଦୁର୍ନୀତି କ'ଣ ଏବଂ ଏହାର କୁପ୍ରଭାବ କିଭଳି ସମାଜ ଉପରେ ପଡୁଛି ଏକଥା ପିଲାଏ ଜାଣିବା ଉଚିତ। ବାପା ଠିକ ସମୟରେ ଅଫିସ ଯାଆନ୍ତି ନାହିଁ, ଲଞ୍ଚବ୍ରେକରେ ଘରକୁ ଖାଇବାକୁ ଆସି ପୁଣି ୩ଟା ୪ଟା ବେଳକୁ ଅଫିସ ଯାଆନ୍ତି। ଗୋଟେ ସରକାରୀ କାମ ପାଇଁ ବାପାଙ୍କ ପାଖକୁ ଲୋକେ ବାରମ୍ବାର ଦୌଡ଼ନ୍ତି, ଘରକୁ ବି ଆସନ୍ତି। ଟଙ୍କା ନଦେଲେ ସରକାରୀ କାମ ହୁଏନି - ଏସବୁ ଯେ ଦୁର୍ନୀତି ଅନ୍ତର୍ଭୁକ୍ତ ଏକଥା ପିଲାଏ ଜାଣିବା ଉଚିତ ପିଲାଟି ବେଳୁ। ତାହେଲେ ସେମାନେ ବାପାଙ୍କୁ ପଚାରି ପାରିବେ ଏତେ ଡେରିରେ କ'ଣ ଅଫିସ ଯାଉଛ ? ବାପାମାନେ ମଧ୍ୟ ସଚେତନ ହେବେ।

ଠିକାଦାର ସଠିକ ଭାଗମାପର କଂକ୍ରିଟ ନ ଗୋଳାଇବା କାରଣରୁ ଛାତ ଭୁଶୁଡ଼ି ପଡୁଛି, କାମ ସରୁ ସରୁ ରାସ୍ତାରୁ ପିଚୁ ଉଠିଯାଉଛି। ଏଥିରେ ବିଭାଗୀୟ ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ସହଯୋଗ ରହୁଛି, ସେମାନଙ୍କ ସହଯୋଗ ବିନା ଠିକାଦାର ଏସବୁ କାମ ମୋଟେ କରିପାରନ୍ତାନି ଏସବୁ ପିଲାଏ ଜାଣିବା ଉଚିତ। ବିକାଶର ବାଧକ ଦୁର୍ନୀତି, ଏଥି ସହିତ ହତ୍ୟା, ଅପରାଧ, ଦୁଷ୍କର୍ମ, ନକଲି ଖାଦ୍ୟର ବଜାର ସୃଷ୍ଟି ହେବା ପଛରେ ବି ଦୁର୍ନୀତିର ହାତ ରହିଛି ଏକଥା କ'ଣ ପିଲାଟିଏ ଜାଣିଛି ସିଏ ଜାଣେ ଲାଞ୍ଚ ନେବା ହିଁ ଏକମାତ୍ର ଦୁର୍ନୀତି ପର୍ଯ୍ୟାୟଭୁକ୍ତ।ସ । ର ସ୍କୁଲରେ ମନଦେଇ ପଢ଼ାନ୍ତି ନାହିଁ, ଟିଉସନରେ ଖୁବ ଭଲ ପଢ଼ାନ୍ତି। ଡାକ୍ତରମାନେ ଡାକ୍ତରଖାନାରେ ରୋଗୀଙ୍କୁ ଯେଉଁମାନଙ୍କର ସେବା ଯୋଗାନ୍ତି ତାଠାରୁ ଉନ୍ନତମାନର ସେବା ଘରୋଇ ହସ୍ପିଟାଲ ଏବଂ ନର୍ସିଂହୋମରେ ସେଇ ଡାକ୍ତର ଯୋଗାଇଥାନ୍ତି - ଏସବୁ ଯେ ଦୁର୍ନୀତିଏକଥା ପିଲାଟି ଜାଣୁ। ନେତାମାନେ ନିର୍ବାଚନ ବେଳେ ଯେଉଁସବୁ ପ୍ରତିଶ୍ରୁତି ଦେଇଥାନ୍ତି ତା'ର ଖିଲାପ ଯେ ଦୁର୍ନୀତି ଏସବୁ କ'ଣ ପିଲାଏ ଜାଣିଛନ୍ତି ? ସେମାନେ ଦୁର୍ନୀତିକୁ ଘୃଣା କରନ୍ତୁ ପିଲାଟି ଦିନୁ। ଏହାର ପ୍ରଭାବ ସେମାନେ ବଡ଼ ହୋଇ ଚାକିରି କରିବା ସମୟରେ ନିଶ୍ଚେ ପଡ଼ିବ ଏବଂ ସମାଜରେ ସୁଧାର ଆସିବ ବୋଲି ଆମେ ଆଶା କରିପାରିବା। ପ୍ରତିଦିନ ଦୁର୍ନୀତି ଜାଲରେ ପଡୁଥିବା ସରକାରୀ ବାବୁମାନଙ୍କ ଭିତରେ ଯେ ଯୁବ ଅଧିକାରୀଙ୍କ ସଂଖ୍ୟା ଅଧିକ ଏହାକୁ ଏଡ଼ାଇ ଦେଇହେବ ନାହିଁ। ଯୁବକମାନେ ମଧ୍ୟ ଦୁର୍ନୀତିଗ୍ରସ୍ତ ହେଉଛନ୍ତି। ଏମାନେ ସ୍କୁଲରେ ପଢ଼ିବା ବେଳେ ଦୁର୍ନୀତି ସମ୍ପର୍କିତ କୌଣସି ପାଠ୍ୟକ୍ରମ ଥିଲା କି ? ନଥିଲା। ତେଣୁ ଏ ନୂଆ ବିଷୟଟିକୁ ପରୀକ୍ଷାମୂଳକ ଭାବରେ ଯୋଡ଼ାଗଲେ କ୍ଷତି କ'ଣ ? ଦେଖାଯାଉ ଏହାର ପ୍ରଭାବ କ'ଣ ପଡୁଛି ? ଶିକ୍ଷା ଉପରେ ତ ନୂଆ ନୂଆ ଗବେଷଣା ଚାଲିଛି।ଏତେ କଥା କହିବାର ଅସଲ ଉଦ୍ଦେଶ୍ୟଟି ହେଲା ବିଦ୍ୟାଳୟ ସ୍ତରୀୟ ଶିକ୍ଷା ପାଠ୍ୟକ୍ରମର ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସମୀକ୍ଷା କରିଛନ୍ତି। ସେ କହିଛନ୍ତି ୨୦୨୬-୨୭ ଶିକ୍ଷା ବର୍ଷରୁ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ। ଏହା ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଉପରେ ଆଧାରିତ ହେବ। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସାମୂହିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ନୂତନ ବିଷୟ ଯଥା - କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ ହେଉଛି। ଏଥିରେ ଦୁର୍ନୀତିର କୁପ୍ରଭାବକୁ ମଧ୍ୟ ଯୋଡ଼ାଗଲେ ସମାଜରେ ଅନେକେ ସୁଧାର ଆସିପାରନ୍ତା ବୋଧେ। ହେ ଦୁର୍ନୀତି ଗ୍ରସ୍ତ ବାବୁମାନେ ତୁମେ ଯେଉଁ ଧନ ଚୋରି କରିଛ ସେ ଧନ ସରକାରଙ୍କର ନୁହେଁ। ସେ ଟଙ୍କା ହେଉଛି ସାଧାରଣ ଲୋକଙ୍କ ଟ୍ୟାକ୍ସ ଟଙ୍କା। ସାଧାରଣ ଲୋକଙ୍କ ଟଙ୍କାକୁ ଚୋରି କରି ତୁମ ବଡ଼ ଲୋକ ହେବାର ଯେଉଁ ସ୍ୱପ୍ନ ଦେଖୁଛ ତାହା ସଫଳ ହେବନାହିଁ। ଟଙ୍କା ପଇସା ଯିବ, ସୁନା ରୁପା, ଗହଣା ଯିବ ତୁମର ପେନସନ ବନ୍ଦ ହେବ ଶେଷରେ ପାଞ୍ଚ ବର୍ଷ କି ଦଶ ବର୍ଷ ଜେଲ ଭୋଗିବ। ତୁମର ଏହି ପାପ କର୍ମ ପାଇଁ ତୁମର ବଂଶଧର ମାନେ ନିନ୍ଦିତ ହେବେ, ଅପମାନିତ ହେବେ।

### ବେଦାନ୍ତ ଆଲୁମିନିୟମ ପ୍ରକଳ୍ପ ଶୁଭଲକ୍ଷ୍ମୀ ଅଧିନରେ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ରର ଶୁଭାରମ୍ଭ

# ଝାରସୁଗୁଡ଼ରେ ୧୫ ଜଣ ମହିଳା କ୍ଷୁଦ୍ର ଉଦ୍ୟୋଗୀ ଏଥିରୁ ଲାଭବାନ ହେବେ




ଝାରସୁଗୁଡ଼ା, : ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର କେଲେଣ୍ଡାମାଲ ଗ୍ରାମରେ ଏକ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟନ କରିଛି, ଯାହା ମହିଳାମାନଙ୍କ ଲାଗି ନୂଆ ଜୀବିକା ସୃଷ୍ଟିରେ ସହାୟକ ହେବ। ଏହା ଶୁଭଲକ୍ଷ୍ମୀ ସମବାୟ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେବ। ସଦସ୍ୟମାନଙ୍କୁ ଝୋଟ ଉତ୍ପାଦ ଉତ୍ପାଦନ, ପରିବେଶ ଅନୁକୂଳ ସାମଗ୍ରୀ ପ୍ରୋତ୍ସାହନ ଓ ମହିଳା ନେତୃତ୍ୱାଧୀନ ବ୍ୟବସାୟକୁ ସମର୍ଥନ କରିବ।

ପ୍ରଥମ ପର୍ଯ୍ୟାୟରେ ଚାରୋଟି ଝୋଟ ପ୍ରକ୍ରିୟାକରଣ ମେସିନ ସହ ସଜ୍ଜିତ କେନ୍ଦ୍ର ପ୍ରାରମ୍ଭ ରେ ପୁନଃବ୍ୟବହାର ଯୋଗ୍ୟ ଝୋଟ ବ୍ୟାଗ ନିର୍ମାଣ ଉପରେ ଧ୍ୟାନ ଦେବ। ଏହା ଦ୍ୱାରା ଲୋକମାନେ ପ୍ଲାଷ୍ଟିକ ବ୍ୟବହାରକୁ ଦୂର କରିପାରିବେ। ଦକ୍ଷତା ତାଲିମ, ଭିତିଭୂମି ଓ ବଜାର ସମର୍ଥନକୁ ନେଇ ଏହା ଏକ ସବୁଜ ଉଦ୍ୟୋଗ ମଡେଲ ସୃଷ୍ଟି କରିବ।

କେଲେଣ୍ଡାମାଲ ଗ୍ରାମର ସରପଂଚ ସୁଶ୍ରୀ ସୁଶ୍ରିତା ନାୟକଙ୍କ ଦ୍ୱାରା ଶୁଭଲକ୍ଷ୍ମୀ ସମବାୟର ସଭାପତି ଶ୍ରୀମତି ପଙ୍କଜିନି ଓରାମ ଓ ବେଦାନ୍ତ ଆଲୁମିନିୟମର ସିଏସଆର ମୁଖ୍ୟ ଶ୍ରୀମତୀ ହରମୀତ ସେରାଙ୍କ ଉପସ୍ଥିତିରେ ଏହି କେନ୍ଦ୍ରର ଉଦଘାଟନ କରାଯାଇଥିଲା। ଏହି ପଦକ୍ଷେପର ପ୍ରଭାବ ଉପରେ ଆଲୋକପାତ କରି ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦୁ କହିଛନ୍ତି ଯେ ନିରନ୍ତର ବିକାଶ ପାଇଁ ପରିବେଶଗତ ଦାୟିତ୍ୱ ସହ ଆର୍ଥିକ ସୁଯୋଗ ସନ୍ତୁଳନତା ଆବଶ୍ୟକ। ଶୁଭଲକ୍ଷ୍ମୀ ସମବାୟ ସମିତି ସହ ଏହି ସହଭାଗିତା ଜରୀଆରେ ଆମେ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହ ଆୟକୁ ସୁଦୃଢ କରୁଥିବା ଉଦ୍ୟୋଗ ନିର୍ମାଣ କରିବାକୁ ମହିଳାମାନଙ୍କୁ ଉତ୍ସାହିତ କରୁଛୁ ଯାହା ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ସହ ଜଡ଼ିତ। ଶୁଭଲକ୍ଷ୍ମୀ ସମବାୟ ସମିତର ସଭାପତି ଶ୍ରୀମତୀ ପଙ୍କଜିନିର ଓରାମ କହିଛ଼ନ୍ତି ଯେ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ର ଆମ ସଂପ୍ରଦାୟରେ ମହିଳାମାନଙ୍କୁ ସଶକ୍ତ କରିବ। ବେଦା' ସମର୍ଥନରେ ମହିଳମାନେ ତାଲିମ ଓ ଦକ୍ଷତା ବୃଦ୍ଧିର ସୁଯୋଗ ପାଇବେ। ଏହା ଦ୍ୱାରା ସେମାନେ ନିଜସ୍ୱ ଉଦ୍ୟୋଗ ଚଳାଇବାକୁ ସକ୍ଷମ ହେବେ। ବେଦାନ୍ତ ଆଲୁମିନିୟମ ଦ୍ୱାରା ବାପକ ସମର୍ଥିତ ସୁଭଲକ୍ଷ୍ମୀ ସମବାୟ ଓଡ଼ିଶାର ଏକ ପ୍ରଭାବଶାଳୀ ମହିଳା ସଶକ୍ତିକରଣ ମଡେଲ ମଧ୍ୟରୁ ଅନ୍ୟତମ ଭାବେ କାର୍ଯ୍ୟ କରୁଛି। ଏହା ଜିଲ୍ଲାର ୪୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୦୦୦ରୁ ଅଧିକ ମହିଳାଙ୍କୁ ନିୟୋଜିତ କରୁଛି। ସେମାନଙ୍କୁ ବଜାର ଦକ୍ଷତା, ଋଣ ଉପଲବ୍ଧତା ଓ ଉଦ୍ୟୋଗୀ ତାଲିମ ପ୍ରଦାନ କରୁଛି। ଏହା ଦ୍ୱାରା ହଜାର ହଜାର ଲୋକଙ୍କୁ ସ୍ଥାୟୀ ଜୀବିକା ଓ ଆର୍ଥିକ ସ୍ୱାଧୀନତା ମିଳିପାରୁଛି। ଏହା ୧୫୦୦ରୁ ଅଧିକ ମହିଳାଙ୍କୁ ସହାୟତା କରି ୨.୫୫ କୋଟି ଟଙ୍କାରୁ ଅଧିକ ମାଇକ୍ରୋଫାଇନାନ୍ସ ଋଣ ପ୍ରଦାନ କରିଛି। ଆର୍ଥିକ ଉନ୍ନତି ବ୍ୟତୀତ ସୁଭଲକ୍ଷ୍ମୀ ଗ୍ରାମୀଣ ମହିଳାମାନଙ୍କ ଭିତରେ ଆତ୍ମବିଶ୍ୱାସ, ଗତିଶୀଳତା ଓ ସାମାଜିକ ଅଂଶଗ୍ରହଣ ବୃଦ୍ଧି କରିବାରେ ସାହାଯ୍ୟ କରିଛି। ଝୋଟ ପ୍ରକିୟାକରଣ କେନ୍ଦ୍ର ମହିଳାମାନଙ୍କୁ ପରିବେଶଗତ ଭାବରେ ଦାୟିତ୍ୱପୂର୍ଣ୍ଣ ଜୀବିକା ସହ ସମନ୍ୱିତ କରି ଏହି ଇକୋସିଷ୍ଟମକୁ ଆହୁରି ବିସ୍ତାର କରୁଛି।

# ପୂର୍ବତଟ ରେଳପଥର 'ସେବା ସଂକଳ୍ପ ପ୍ରସ୍ତାବ' ଗ୍ରହଣ



ଭୁବନେଶ୍ୱର, : କେନ୍ଦ୍ର କ୍ୟାବିନେଟ ଦ୍ୱାରା 'ସେବା ସଂକଳ୍ପ ପ୍ରସ୍ତାବ' ଗ୍ରହଣ କରାଯିବା ସହିତ, ପୂର୍ବତଟ ରେଳପଥ ମୁଖ୍ୟାଳୟର ସଭା ଗୃହ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରାଯାଥିଲା ଓ ଯେଉଁଥିରେ ଏହି ସଂକଳ୍ପ ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଆନୁଷ୍ଠାନିକ ଭାବରେ ପାଠ କରାଯାଇଥିଲା । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରମୁଖ ବିଭାଗୀୟ ମୁଖ୍ୟ, ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହା ସହିତ, ଜୋନର ସମସ୍ତ ମଣ୍ଡଳରେ ସମାନ ଭାବରେ ଏହି ସଭାର ଆୟୋଜନ କରାଯାଇଥିଲା। 'ସେବା ସଂକଳ୍ପ ପ୍ରସ୍ତାବ' କୁ ଆନୁଷ୍ଠାନିକ ଭାବେ ପାଠ କରାଯାଇ ପାରଦର୍ଶିତା, କାର୍ଯ୍ୟକୁଶଳତା, ଦାୟିତ୍ୱବୋଧ ଏବଂ ନାଗରିକ କେନ୍ଦ୍ରିକ ଶାସନ ପ୍ରତି ଏକ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରାଯାଇଥିଲା। ଏହି ସଂକଳ୍ପ ଭାରତୀୟ ରେଳପଥର କାର୍ଯ୍ୟଦକ୍ଷଯତା, ଦେଶ ପ୍ରତି ଉତ୍ସର୍ଗୀକୃତ ସେବା ପ୍ରତିବଦ୍ଧତାକୁ ସୁଦୃଢ଼ କରିବାରେ ସହାୟକ ହେବ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଫୁଙ୍କୱାଲ ଗୁରୁତ୍ୱାରୋପ କରିଥିଲେ ଯେ 'ସେବା' ହେଉଛି ଭାରତୀୟ ରେଳବାଇର ଆତ୍ମା ଏବଂ ଏହାର କାର୍ଯ୍ୟକାରିତାର ମାର୍ଗଦର୍ଶୀ ନୀତି। ସେ ଅବଲୋକନ କରିଥିଲେ ଯେ ଏହି ପ୍ରତିଜ୍ଞା ଉପନିବେଶୀୟ ଯୁଗର ପ୍ରଶାସନିକ ମନୋଭାବକୁ ପରିତ୍ୟାଗ କରି ଭାରତୀୟ ମୂଲ୍ୟବୋଧ ଆଧାରିତ ଶାସନ ପ୍ରଣାଳୀକୁ ଅଙ୍ଗୀକାର କରିବାର ପ୍ରୟାସକୁ ପ୍ରତିଫଳିତ କରେ। ବୈଠକ ସମୟରେ, ପ୍ରମୁଖ ବିଭାଗୀୟ ମୁଖ୍ୟମାନେ ଦୈନନ୍ଦିନ କାର୍ଯ୍ୟରେ ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବହାରିକ ପରାମର୍ଶ ପ୍ରଦାନ କରିଥିଲେ। ସେବା ଯୋଗାଣରେ ଉନ୍ନତି, ଯାତ୍ରୀ ସୁବିଧାକୁ ଉନ୍ନତ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ଆଲୋଚନା ଗଠନମୂଳକ ଏବଂ ଭବିଷ୍ୟତମୁଖୀ ଥିଲା।

ସଂକଳ୍ପର ସାମୂହିକ ପାଠ ପୂର୍ବତଟ ରେଳପଥର ସେବା ପ୍ରତି ସମର୍ପଣ, ଭାରତ ସରକାରଙ୍କ ଦୃଷ୍ଟିକୋଣ ସହିତ ସମନ୍ୱିତ ଏବଂ ଲୋକକେନ୍ଦ୍ରିତ ରେଳ ସେବାକୁ ନିରନ୍ତର ଉନ୍ନତ କରିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିପ୍ରକାଶ କରିଥିଲା ।

## ବେଦାନ୍ତ ଓଡ଼ିଶାର କର୍ଣ୍ଣପୋଡିକୋଣ୍ଡା ବକ୍ସାଇଟ୍ ବ୍ଲକ୍ ପାଇଁ ପସନ୍ଦିତା ବିଡର ଘୋଷିତ

ଭୁବନେଶ୍ୱର, : ଓଡ଼ିଶା ସରକାରଙ୍କ ଖଣି ଏବଂ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଇଥିବା ପ୍ରତିଯୋଗିତାମୂଳକ ଇ-ନିଲାମ ପରେ ବେଦାନ୍ତ ଲିମିଟେଡକୁ ଓଡ଼ିଶାର କୋରାପୁଟରେ କର୍ଣ୍ଣପୋଡିକୋଣ୍ଡା ବକ୍ସାଇଟ୍ ବ୍ଲକ୍ ପାଇଁ 'ପସନ୍ଦିତା ବିଡର'ଭାବରେ ଘୋଷଣା କରାଯାଇଛି। ଟେଣ୍ଡର ଡକ୍ୟୁମେଂଟ ଅନୁଯାୟୀ, ଏହି ବ୍ଲକଟି ଜି୨ ସ୍ତରରେ ରହିବା ସହିତ ୫୩୨.୭୪୭ ହେକ୍ଟର ପରିବ୍ୟାପ୍ତ ଅଟେ। ଏହି ସମ୍ପତି ବେଦାନ୍ତର କଂଚାମାଲ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଆଲୁମିନିୟମ୍ ବ୍ୟବସାୟ ପାଇଁ ରଣନୈତିକ ସମନ୍ୱୟକୁ ସମର୍ଥନ କରିଛି। ବେଦାନ୍ତ ଆଲୁମିନିୟମ୍ ର ସିଇଓ ରାଜୀବ କୁମାର କହିଛନ୍ତି, "କର୍ଣ୍ଣପୋଡିକୋଣ୍ଡା ବକ୍ସାଇଟ୍ ବ୍ଲକ୍ ପାଇଁ ପସନ୍ଦିତା ବିଡର ଘୋଷଣା ହେବା ଭାରତରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଏବଂ ସ୍ଥିର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳ ନିର୍ମାଣ ଦିଗରେ ଆମର ଯାତ୍ରାକୁ ସୁଦୃଢ଼ କରେ। ଏହି ବିକାଶ ସିଧାସଳଖ ଆମର ସମ୍ପ୍ରସାରଣ ରୋଡମ୍ୟାପ୍ କୁ ସମର୍ଥନ କରିବା ସହିତ ଶିଳ୍ପ ଅଭିବୃଦ୍ଧି, ସ୍ଥାନୀୟ ମୂଲ୍ୟ ସୃଷ୍ଟି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଆତ୍ମନିର୍ଭରଶୀଳତାକୁ ବେଦାନ୍ତ ଆଲୁମିନିୟମ୍ ର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।" ଭାରତର ଅଗ୍ରଣୀ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ବର୍ଦ୍ଧିତ ଚାହିଦା ଏବଂ ଏକ ଦୃଢ଼ ବଜାର ଦୃଷ୍ଟିକୋଣ ମଧ୍ୟରେ ଉତ୍ପାଦନକୁ ବଜାୟ ରଖିବା ପାଇଁ ଦୀର୍ଘକାଳୀନ ବକ୍ସାଇଟ୍ ସମ୍ବଳ ସୁରକ୍ଷିତ କରିବା ଉପରେ ଧ୍ୟାନ ଦେଉଛି।

# ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଯାଂଚ ଦୃଢ, କାର୍ଯ୍ୟାନୁଷ୍ଠାନ ନେଇ ଚେତାବନୀ

ଜୟପୁର, : କୋରାପୁଟ ଜିଲ୍ଲା ଜୟପୁର ପୌର ପରିଷଦ ଓ ଖାଦ୍ୟ ସୁରକ୍ଷା ବିଭାଗ ମିଳିତ ଭାବେ ଜୟପୁର ସହର ରେ ରହିଥିବା ମିଠା ଓ ବ୍ରେକେରି ରେ ଯାଞ୍ଚ କରାଯାଇଥିଲା। ମିଠା ଦୋକାନ ରେ ଖାଦ୍ୟ କୁ ଘୋଡାଇ ରଖା ଯାଉନି। ଯାହା ଦ୍ୱାରା ଖାଦ୍ୟ ବିଷାକ୍ତ ହେଉଛି। ସେଇ ଖାଦ୍ୟ ଖାଇ ସହର ବାସୀ ଅନେକ ରୋଗର ଶିକାର ହେଉଛନ୍ତି। ସେଇ ଭଳି ବ୍ରେକେରି ମାନଙ୍କ ରେ ସ୍ୱଚ୍ଛତା ରହୁଛି। ସହର ବାସୀ ବିଷାକ୍ତ ଖାଦ୍ୟ ବଳୟ ଭିତରେ ରହିଛନ୍ତି। ବିଭିନ୍ନ ଦୋକାନ ରେ ଯାଞ୍ଚ କରିବା ସହିତ ସମୁଦାୟ ୯୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଦୋକାନୀ ମାନଙ୍କୁ ସଚେତନ କରାଯାଇଛି। ଯଦି ଆଗକୁ ସ୍ୱଚ୍ଛତା ଉପରେ ଧ୍ୟାନ ନ ଦିଅନ୍ତି ତେବେ ମୋଟା ଅଙ୍କର ଜୋରିମାନା ଆଦାୟ କରାଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି। ସହର ରେ ରହିଥିବା ହୋଟେଲ ସମେତ ଖାଦ୍ୟ ଦୋକାନ ମାନଙ୍କ ରେ ଯାଞ୍ଚ କରିବା ପାଇଁ ପାଇଁ ଅଭିଯୋଗ ହେଇ ଆସୁଥିଲେ ମଧ୍ୟ ଖାଦ୍ୟ ସୁରକ୍ଷା ଅଧିକାରୀ ଲୋକ ଦେଖାଣିଆ ଯାଞ୍ଚ କରି ନିଜର କର୍ତ୍ତବ୍ୟ ଶେଷ କରି ଦେଉଛନ୍ତି। ଜୟପୁର ପୌର ପରିଷଦ ଓ ଖାଦ୍ୟ ସୁରକ୍ଷା ବିଭାଗ ଭିତରେ ସଳା ସୁତରା ରହିଛି। ଯାହା ଫଳରେ ସହର ବାସୀ ବିଷାକ୍ତ ଖାଦ୍ୟ ଖାଇ ନା ନା ରୋଗର ଶିକାର ହେଉଛନ୍ତି ବୋଲି ସହର ବାସିନ୍ଦା କହିଛନ୍ତି।

# ନିରୀହ ଦୋଷ

**ଶିବାଶିଷ ପାଢ଼ୀ**

ସକାଳର ସୁନେଲି କିରଣ ଯେତେବେଳେ ସାରା ସହରଟିକୁ ନିଜ ଅକ୍ତିଆରକୁ ନେଉଥିଲା ସେତିକି ବେଳେ ଷ୍ଟେସନ ସାମ୍ନାରେ ପହଞ୍ଚିଥିଲା ଗାଡି । ଆଗ ପରି ଭିଡ଼ ନଥିଲା । କିନ୍ତୁ ତଥାପି କିଛି ଗାଡି ଠିଆ ହୋଇଥିଲେ ଷ୍ଟେସନ ସାମ୍ନାରେ । ନିଜ ଗାଡିକୁ ନେଇ ଠିକ ଗେଟ ସାମ୍ନାରେ ରଖିଦେଲା ସୁଧୀର । ଦୀର୍ଘ ଅଶୀ କିଲୋମିଟର ବାଟର ଡ୍ରାଇଭିଂ । ସେ ପୁଣି ନିଦେ ରାତିରୁ । ଗାଡିର ହ୍ୟାଣ୍ଡବ୍ରେକକୁ ଟାଣିଦେଇ ସାମାନ୍ୟ ଭିଡିମୋଡ଼ି ହେଉଥିଲା ସେ । ହେଲେ ସେତିକି ବେଳକୁ ଓହ୍ଲାଇ ସାରିଥିଲେ ଅଗ୍ନିହୋତ୍ରୀ ସାହେବ । ଖଣି କମ୍ପାନୀର ବଡ଼ ଅଫିସର ତଥା ତା'ର ନିୟମିତ ଗ୍ରାହକ । ଅତୀତରେ ଅସ୍ଥାୟୀ ଭାବେ କମ୍ପାନୀ ଗାଡି ଚଳାଉଥିବା ବେଳୁ ତା'ର ପରିଚୟ । କମ୍ପାନୀ ଗାଡି ଥିଲେ ବି ସେ ପରିଚୟ ଯୋଗୁଁ କୁଆଡେ ଗଲେ ଆସିଲେ ସୁଧୀରକୁ ହିଁ ଖୋଜନ୍ତି ସେ ।

ଚଟାପଟ ଓହ୍ଲାଇ ଯାଇ ଡ଼ିକି ଖୋଲିଦେଲା ସେ । ଦୁଇଟି ଛୋଟ ଏଆର ବ୍ୟାଗକୁ ନିଜେ ଧରିଲା । ଟ୍ରେନ ଆସିବାର ଘୋଷଣା ଆରମ୍ଭ ହୋଇ ସାରିଥିଲା । ଏଣୁ ତର ତର ହୋଇ ଚାଲୁଥିଲେ ଅଗ୍ନିହୋତ୍ରୀବାବୁ ।

'ବାର ତାରିଖ ସନ୍ଧ୍ୟା ପାଞ୍ଚଟା –ଠିକ ସମୟରେ ଆସିଯିବୁ 'କହି ଟ୍ରେନକୁ ଉଠିଥିଲେ ସେ ।

ଷ୍ଟେସନ ବାହାରକୁ ଆସୁ ଆସୁ ସୁଧୀରର ଗୋଡ଼ ଟାଣି ନେଉଥିଲା ଚା ଦୋକାନ ପଟକୁ । ସକାଳର ଥଣ୍ଡା ବାଧ୍ୟ କରୁଥିଲା ଗରମ ଗରମ ଚା କପେ ପାଇଁ । ଚା କପ ଟିଏ ଅର୍ଡର କରୁ କରୁ ନାକରେ ବାଜିଲା ସିଗାରେଟର ବାସ୍ନା । କ୍ଷଣିକ ପାଇଁ ଚହଲି ଉଠିଲା ମନ । ଖଣ୍ଡେ ସିଗାରେଟ ପାଇଁ ଇଛା ହେଲା ପ୍ରବଳ । ପ୍ରାୟ ଦୁଇବର୍ଷ ହେବ ସିଗାରେଟ ପୁରା ଛାଡି ଦେଇଛି ସେ । ଯେଉଁ ଦିନୁ ଏ କୋଭିଡ କଟକଣା ସବୁ ହେଲାଣି ସେ ଦିନୁ କମି ଯାଇଛି ଲୋକଙ୍କ ଯିବା ଆସିବା । ଭଡା କମ ମିଳୁଛି । ଗାଡିର ମାସିକ କିସ୍ତି ଦେଇ ଘର ଚଳାଇବା ଏକ ଆହ୍ୱାନ ପାଲଟି ଯାଇଛି । ଆଉ ଏ ଦାମିକିଆ ସଉକ ପାଇଁ ଟଙ୍କା କାହିଁ ଦିନକୁ ପାଞ୍ଚଟା ସିଗାରେଟର ଖର୍ଚ୍ଚରେ ମିନି ପାଇଁ କ୍ଷୀର ଲିଟରଟିଏ ଆସୁଛି ।

ନାକରେ ପଶୁଥିଲା ସିଗାରେଟର ଧୂଆଁ ଟାଣୁଥିଲା ମନକୁ । ଏ ନିଶାସବୁ ଏମିତି ? ଛାଡିବାର ଯେତେ ବର୍ଷ ହେଲେ ବି ଆକର୍ଷି ଚାଲିଥାନ୍ତି ମଣିଷକୁ । ସିଗାରେଟ ଧୂଆଁର ବଳୟ ବାହାରକୁ ଚାଲିଗଲା ସେ ।

ଠିକ ସେତିକି ବେଳେ ଆସିଥିଲା ସେ ଲୋକଟି । ପଚାଶ ପଂଚାବନ ବୟସର ହେବ । ବେଶପୋଷାକ ସାଧାରଣ ଥିଲା । କିନ୍ତୁ ଲାଗୁଥିଲା ଯେମିତି କୌଣସି ନିଶା ଖାଇକି ଶୋଇଥିଲା ଅନେକ ସମୟ । ହେଲେ ଭାରି ବ୍ୟସ୍ତ ଜଣାପଡୁଥିଲା ସେ । ନେହୁରା ହେଉଥିଲା । କହୁଥିଲା –

'ଆଜ୍ଞା ଦୟାକରି ମୋତେ ଦୁଇ ତିନିଶହ ଟଙ୍କା ସାହାଯ୍ୟ କରନ୍ତୁ । ମୋର ବ୍ୟାଗ ମୋବାଇଲ ପର୍ସ ସବୁକିଛି ଚୋରି ହୋଇଗଲା । ଟଙ୍କା ଦୁଇଶହ ହେଲେ ମୁଁ ରାଉରକେଲା ପହଞ୍ଚିଯିବି ! ପ୍ରବଳ ଭୋକ ହେଉଛି କିଛି ଖାଇବି'

ବୋଧେ ସମାନ କଥା ବହୁତ ଲୋକଙ୍କୁ କହି ସାରିଥିଲା ସେ ଆଉ ନିରାଶ ବି ହୋଇଥିଲା ।

ଚା ଦୋକାନରେ ଚାରି ପାଞ୍ଚ ଜଣ ଥିଲେ । କିନ୍ତୁ ଏମିତି ଅଭିନୟ କରୁଥିଲେ ଯେମିତି କେହି କିଛି ଶୁଣୁନାହାନ୍ତି । ଶୀଘ୍ର ଶୀଘ୍ର ଚା କୁ ଢ଼ୋକି ଦେଇ ଚାଲିଯିବାର ଫିରାକରେ ଥିଲେ ସେମାନେ । ଲୋକଟି ସତ କହୁଛି କି ଅଭିନୟ କରୁଛି ସେକଥାକୁ ଗଭୀର ଭାବରେ ନିରୀକ୍ଷଣ କରୁଥିଲା ସୁଧୀର । ଜାଣିବାର କୁ ନଥିଲା । ଆଜିକାଲି ଠକଙ୍କ ପ୍ରାବଲ୍ୟ ଏମିତି ଯେ ଲୋକଟି ସତ



କହୁଥିଲେ ବି ଲୋକେ ବିଶ୍ୱାସ କରିବା କଷ୍ଟ ହୋଇଯାଏ ।

କେହି ଶୁଣି ନଥିଲେ ସୁଧୀର ବି ବିଶ୍ୱାସ କରୁ ନଥିଲା । କିନ୍ତୁ କହିଲା –

ପ୍ରଥମେ ଚା ବିସ୍କୁଟ ଟିକିଏ ଖାଅ ତ ! ଚା ବାଲାକୁ ଚା ଟିଏ ପାଇଁ କହିଥିଲା ସେ ।

ଯେମିତି କୂଅକୁ ଖସି ପଡୁଥିବା ବେଳେ କେଉଁ ଚେରର ଆଶ୍ରା ମିଳିଗଲା । ଚମକି ଉଠିଲା ସେ ଲୋକର ଚେହେରା ।

ବୋଧେ ଖୁବ ଭୋକ ହେଉଥିଲା କି କିଛି ନିଶାର ପ୍ରଭାବ ଥିଲା ସତରେ । ଦୁଇ କପ ଚା ଓ ଚାରିଟି ପାଞ୍ଚ ଟଙ୍କିଆ ବିସ୍କୁଟକୁ ଖାଇଗଲା ଲୋକଟି ।

ସେ ଲୋକର ହାବଭାବକୁ ଗଭୀର ଭାବେ ଅନୁଧ୍ୟାନ କରୁଥିଲା ସୁଧୀର । କାହିଁକି କେଜାଣି ବିବେକ କହୁଥିଲା ଲୋକଟି ମିଛ କହୁନାହିଁ । ପକେଟକୁ ହାତଦେଲା ସେ । ପକେଟରେ ଥିଲା ଏବେ ଏବେ ଅଗ୍ନିହୋତ୍ରୀ ସାହେବ ଦେଇଥିବା ଦୁଇହଜାର ଦୁଇ ଶହପଚାଶ ଟଙ୍କା । ହେଲେ ସେ ଟଙ୍କା ପାଇବା ଆଗରୁ କିନ୍ତୁ ତାର ଖର୍ଚ୍ଚ ହିସାବ ବି ରେଡି ଥିଲା ।

ଏକ ହଜାରର ତେଲ, ଏମାସର କିସ୍ତି ପାଇଁ ପାଞ୍ଚଶହ । ଅନେକ ଦିନରୁ ମିନି କହୁଥିବା ହରଲିକ୍ସ ପାଇଁ ଦୁଇଶହ ପଚାଶ ଟଙ୍କା । ଆଉ ଏସପ୍ତାହ ର ହାଟଖର୍ଚ୍ଚ ପାଇଁ ଆଶାକୁ ଦେବ ପାଞ୍ଚଶହ ଟଙ୍କା ।

ମନ ବିବେକ ଉଭୟେ କହୁଥିଲେ ସାହାଯ୍ୟ କରିବା ପାଇଁ । ହେଲେ ଆସନ୍ତା କାଲି ଭଡା ମିଳିବ ନ ମିଳିବ ଏ ନେଇ ନିଶ୍ଚିତ ନଥିଲା ସୁଧୀର । ହିସାବ କରୁଥିଲା କେଉଁଥିରୁ ଖର୍ଚ୍ଚକାଟ କରିବ ସେ ।

ଚା ନିସ୍କୁଟ ଖାଇ ଆଶାୟୀ ଆଖିରେ ଚାହୁଁଥିଲା ଲୋକଟି ଯେମିତି ସୁଧୀର ହିଁ ତାର ଶେଷ ଆଶ୍ରା ଥିଲା । ଏପଟେ ନିଷ୍ପତ୍ତି ନେଇ ସାରିଥିଲା ସୁଧୀର । ମିନି ପାଇଁ ଅଧକିଲୋ ଜାଗାରେ ଦୁଇ ଶହ ବାଲା ହରଲିକ୍ସ ନେଇ ସେଥିରୁ ଶହେ ଟଙ୍କା ଖର୍ଚ୍ଚକାଟ କରିବା ନିଷ୍ପତ୍ତି ନେଇକି କହିଥିଲା –'ତୁମେ ସତ କହୁଛ କି ମିଛ କହୁଛ ମୁଁ ଜାଣିନାହିଁ କିନ୍ତୁ ମୁଁ ଶହେ ଟଙ୍କା ଦେଇ ପାରିବି । ଆଉ ମୁଁ ଯାହା ଜାଣିଛି ଶହେ ଟଙ୍କାରେ ତୁମେ ରାଉରକେଲା ପହଞ୍ଚି ଯିବ'

ଆଶାର ଆଲୋକରେ ଚମକୁଥିଲା ଲୋକଟିର ଚେହେରା । କୃତକୃତ୍ୟ ହୋଇ କହିଥିଲା–

ଆଜ୍ଞା ମୁଁ ସେମିତି ଲୋକ ନୁହେଁ ।

ଆପଣଙ୍କ ନାଁ ଓ ଫୋନ ନମ୍ବର ଦିଅନ୍ତୁ ଆଜ୍ଞା'

କାହିଁକି ? ପଚାରିଥିଲା ସୁଧୀର

ମୁଁ ଫେରାଇଦେବି ଆଜ୍ଞା 'ଆହୁରି ନମ୍ର ଭାବେ କହିଥିଲା ସେ !.

ହେଲେ ଏବେ ପ୍ରାୟ ଗମ୍ଭୀର ଥିଲା ସୁଧୀର । ଶହେ ଟଙ୍କା ବଢ଼ାଇଦେଇ କହିଥିଲା

-ମୁଁ ମୋ ଛୋଟ ଆୟରେ ଅନେକ ଲୋକଙ୍କୁ ସାହାଯ୍ୟ କରିବାର ଚେଷ୍ଟା କରେ । କେବେ ପ୍ରତିସାହାଯ୍ୟ ଆଶା କରେ ନାହିଁ । ଆଗରୁ କରୁଥିଲି ଆଉ ଦୁଃଖିତ ହେଉଥିଲି । ଏବେ କରୁନାହିଁ ଓ ସୁଖରେ ଅଛି । ଫେରାଇବା ଦରକାର ନାହିଁ ମୋ କଥା ଭଗବାନ ବୁଝିବେ'

ହେଲେ ମାନୁ ନଥିଲା ଲୋକଟି । 'ଗାଡି ପର୍ଯ୍ୟନ୍ତ ବି ଆସିଥିଲା ହେଲେ ନିଜ ଜିଦରେ ଅଟଳ ରହି ଗାଡି ଷ୍ଟାର୍ଟ କରିଥିଲା ସୁଧୀର । ଦୁଇଶହ ଗ୍ରାମର ହରଲିକ୍ସକୁ ଦେଖି ଖୁସିରେ ଘର କମ୍ପାଇ ଦେଉଥିଲା ମିନି । ଆଶା ହାତକୁ ହଜାରେ ବଢ଼ାଇ ଦେଇ ଖଟରେ ବସିଥିଲା ସୁଧୀର । କହିଥିଲା କିସ୍ତି ଡବାରେ ପାଞ୍ଚ ଶହ ରଖିଦେବ । ଏମାସରେ ଆଉ ଦୁଇ ତିନୋଟି ଭଡା ମିଳିଗଲେ କିସ୍ତିଟା ହୋଇଯିବ ।

ଆଶା କରୁଥିଲା ଖୁସି ହେବେ ସ୍ତ୍ରୀ ଆଶା । କିନ୍ତୁ ସୁଧୀର ଦେଖୁଥିଲା ଆଶାର ଚେହେରାରେ ଗଭୀର ନିରାଶାର ଚିହ୍ନ । କିଛି ବୁଝି ପାରୁ ନଥିଲା ସେ । ନାଲି ଚାକପେ ପାଖରେ ଥୋଇ ଦେଇ ଆଶା ବଢ଼ାଇ ଦେଇଥିଲେ ପନ୍ଦର ଶହ ଟଙ୍କାର ବିଦ୍ୟୁତ ବିଲ । ବିଦ୍ୟୁତ ବିଲକୁ ଦେଖି ଚୁପଚାପ ହୋଇଗଲା ସୁଧୀର । ଶୁଖିଗଲା ଚେହେରା । କିନ୍ତୁ ତଥାପି ଏକ ଶୁଷ୍କ ହସ ଖେଳାଇ କହିଲା

-ହେଉ ଯୋଗାଡ଼ କରିବା ।

ମୋ ପାଖରେ କିଛି ଅଛି ଯେ –

ପାଖରେ ବସି କହିଥିଲେ ଆଶା । ଯେମିତି ନିଜ ଦାୟିତ୍ୱକୁ ଠିକ ଭାବେ ବୁଝୁଥିଲେ ସେ । ପରସ୍ପରକୁ ଚାହୁଁଥିଲେ ସେମାନେ ଯେମିତି ପରସ୍ପରକୁ ବୁଝାଉ ଥିଲେ । ମନର ଅବସ୍ଥା ଯାହାହେଉ ଚେହେରାରେ ଥିବା ମନ୍ଦ ମନ୍ଦ ହସ କିନ୍ତୁ ସାହସ ଦେଉଥିଲା ଅନେକ । ଏସବୁର ଧାର ଧରୁ ନଥିବା ମିନି କିନ୍ତୁ ଛୋଟ ହରଲିକ୍ସକୁ ଧରି ଦୌଡ଼ି ବୁଲୁଥିଲା । ମନ ଭଲ ନଥିଲା କିନ୍ତୁ ପରିସ୍ଥିତିକୁ ସାମ୍ନା କରିବା ଛଡ଼ା କୌଣସି ଉପାୟ ବି ନଥିଲା । ପରବର୍ତ୍ତୀ ଦିନ ପାଇଁ କୌଣସି ଭଡା ଯୋଗାଡ଼ ପାଇଁ ସନ୍ଧ୍ୟାରେ ଟ୍ରାଭେଲ ଏଜେନ୍ସୀ କୁ ଫୋନ ଲଗାଇଥିଲା ସୁଧୀର ହେଲେ ସେ ଆଶା କରି ନଥିଲା ଏମିତି ହେବ ବୋଲି ।

ଫୋନ ଉଠାଉ ଉଠାଉ ମାଲିକ ମନବାବୁ କହିଥିଲେ –

ଆରେ ସୁଧୀର ମୁଁ ତୋତେ ଫୋନ କରିଥାନ୍ତି ଏବେ ।

ଆଜ୍ଞା ଭଲ ଭଡା କିଛି ଅଛି କି ?

ଖୁସି ହୋଇ ଯାଇଥିଲା ସୁଧୀର । କିନ୍ତୁ ସେପଟେ ଗମ୍ଭୀର ହୋଇ ଯାଇଥିଲେ ମନବାବୁ । ଗମ୍ଭୀର ହୋଇ କହିଥିଲେ

'ଆଉ ଭଡା କଣ ହେବ ସୁଧୀର । ତୋ ଗାଡିକୁ ଆମ କମ୍ପାନୀରୁ ବାହାର କରିଦେଇଛି ମୁଁ । 'ନିରବ ହୋଇଯାଇଥିଲେ ସେ ।

ଏପଟେ କିନ୍ତୁ ଯେମିତି ଆକାଶରୁ ଖସି ପଡୁଥିଲା ସୁଧୀର ।

କାନ୍ଦୁଣୁ ମାନ୍ଦଣୁ ହୋଇ କହିଥିଲା – ଆଜ୍ଞା ମୋର ଦୋଷ କଣ

ହାହା..... ହସୁଥିଲେ ମନବାବୁ । କହିଲେ ହଁ ଦୋଷ ତ ତୁମେ ଆଜି ସକାଳୁ କରିଛ । କାହାକୁ ଶହେ ଟଙ୍କା ଦେଇଥିଲ କି ?

ହଁ ଆଜ୍ଞା ? କଣ ହେଲା ସେଇଠୁ ? ପ୍ରାୟତଃ କାନ୍ଦି ପକାଉଥିଲା ସୁଧୀର ।

ଆରେ ସେ ତୁମ ଗାଡି ନମ୍ବରରୁ ଖୋଜିଲୋଡି ମୋ ପାଖକୁ ଫୋନ କରିଥିଲେ । ତାଙ୍କର ରାଉରକେଲାରେ ଭଲ ବ୍ୟବସାୟ ଅଛି । ରହିବା ପାଇଁ ଘର ସହ ତୁମ ଗାଡିକୁ ପୁରା ଭଡାରେ ଦେବାପାଇଁ ଅନୁରୋଧ କରିଛନ୍ତି ସେ । ମୁଁ ତ ତୁମତରଫରୁ ହଁ କହି ଦେଇଛି । ଆରେ ଏତେ ଭଲ ସୁଯୋଗ କିଏ ଛାଡିବ କି । ଏବେ ଏବେ ଫୋନ କରିଥିଲେ ସେ । ମୁଁ ତୁମ ନମ୍ବର ଦେଇଛି ଦେଖ ଫୋନ ଆସୁଥିବ । ଖୁସିସବୁ ହଠାତ ପଶି ଆସୁଥିଲେ ଘରକୁ । ମୁଁ ଜାଣିଛି ଆଶା ସାହାଯ୍ୟ ଫେରେ କିନ୍ତୁ ଏତେ ଜଲଦି ଫେରେ ଏକଥା ଜାଣି ନଥିଲି । ଆଶାକୁ ସବୁ ଶୁଣାଉ ଶୁଣାଉ କାନ୍ଦି ପକାଉଥିଲା ସୁଧୀର । ସୁଧୀରର ଲୁହ ପୋଛୁଥିଲେ ଆଶା । କିନ୍ତୁ ନିଜେ ବି କାନ୍ଦି ଚାଲିଥିଲେ । ଏପଟେ ଫୋନ ରିଙ୍ଗ ହୋଇ ଚାଲିଥିଲା ।

*ହେମଗିରି, ସୁନ୍ଦରଗଡ଼*

# ତମ ଆଖିର ଆଶ୍ୱାସନା

**ଡକ୍ଟର କମଳା କୃଷ୍ଣ ତ୍ରିପାଠୀ**

ତମ ଆଖିର ଆଶ୍ୱାସନାକୁ ନେଇ
ଆତଯାତ ହେଉଛି , ମୋର ନିଃଶ୍ୱାସ ।
ଆ କହିଲେ ହାଜର ହେଇଯିବି
ପାଦ ପାଖରେ,
ଯା କହିବ ତ
ଅତଳ ବିତଳ ତଳାତଳ ଡେଇଁ
ଏମିତି ଅଦୃଶ୍ୟ ହୋଇଯିବି ଯେ
ନିଜକୁ ବି ଦିଶିବନି ନିଜର ଦେହ
କି ଛାଇ କି ଭିତର ବାହାର ।
ମାଟିକୁ ପାଦ ଛୁଇଁଲା ବେଳକୁ ଲାଗେ
ମଶୃଣ ଅବୟବର ଅବସ୍ଥିତି ।
ହାତ ବଢ଼େଇ ଶୂନ୍ୟତା ଭିତରେ
କିଛି ଗୋଟାଏ ଖୋଜିବା ବେଳକୁ
ଅନେକ ଦରବ ମୁଠେଇ କୃତ୍ୟ କୃତ୍ୟ ହୋଇ
ଫେରି ଆସେ ପାପୁଲି ।
କୋଉ ଏକ ସମୁଦ୍ରରୁ
ମୁକ୍ତାର ଲହଡ଼ା ମାଡ଼ି ଆସେ
ହୃଦ ଭିତରକୁ ।
ସେଦିନ ତମେ ଥା କହିଥିଲ ବୋଲି
ମୁଁ ଦେହ ପରି ଡଙ୍ଗାକୁ
ନଈ କୂଳିଆ ଘର ମୁହାଣରେ ବାନ୍ଧି
ଅପେକ୍ଷା କରିଛି ଈଶାରାକୁ ।
ବେଳେବେଳେ ଫିଟେଇ ପକାଏ
ଝଡ଼ ବର୍ଷା ପବନ ବେଳରେ ।
ଯା' ଯୁଆଡେ ଯିବୁ କହି !
ପୋଷା ବଣି ପରି ଜୀବନ ସେଇଠି ଇ ଥାଏ ।
ଦୁହେଁ ଖୋଲା ଆକାଶ ତଳେ ଅନେକ ଥର
କଥାବାର୍ତ୍ତା ଦୁଃଖ ସୁଖ ହେଉ ।
ସେ ବାଲିକୁ ଆଉଜି ଥାଏ
ଆଉ ମୁଁ ଆକାଶେ ଗୀତ ଗାଉଥାଏ ।
ଅସଲରେ ଆମେ ଦୁହେଁ
ତୁମ ନାନାବାୟା ଗୀତ ଶୁଣି
ଅଧା ନିଦ ଅଧା ସ୍ୱପ୍ନରେ ଅଟକି ଯାଇଥାଉ ।

**ସର୍ଜନାଳୟ, ଜୟପୁର, କୋରାପୁଟ**

# ଆର୍ଦ୍ରତା

**ମହାଶ୍ୱେତା ପାଣିଗ୍ରାହୀ**

ଆର୍ଦ୍ରତା ସେଇ ଅନୁଭୂତିର
ପାରେନା କହି କଥା,
ପ୍ଲାବିତ ହୁଏ ସେ ନିରନ୍ତରେ
ଚିରସ୍ରୋତା ସେ ଗାଥା ।
ମୌନ ମାନସେ ଆଙ୍କି ଦିଏ ସେ ବ୍ୟକ୍ତ ନୀରବତା ।
ଝରିଯାଏ ସେ ଝୁରୁଥାଏ ଯେ
ଭିନ୍ନ ତା'ର ପକ୍ୱତା,
ଝରିପଡ଼ି ନିତି ମାଟିରେ ମିଶିବା
ନିଶ୍ଚେ ଏକ ଉଦାରତା,
ନିଶ୍ଚିହ୍ନ ହୋଇ ଆପଣା ଲାଗିବା
ଶୂନ୍ୟରେ ପୂର୍ଣ୍ଣତା ।
କ୍ଳାନ୍ତ ଅବଶ ମନଟିଏ ମାଗେ
ଶବ୍ଦର ସ୍ୱଷ୍ଟତା,
ବୋଧେ ଅନ୍ୟ ପାଇଁ ଅଢେଇ ଅକ୍ଷର
କାହା ପାଇଁ ମଧୁରତା,
କ୍ଷାନ୍ତ ହୃଦୟେ ଭରି ଦିଏ ତାହା
ପୀରତିର ଗଭୀରତା ।


ସାଇ ପ୍ରିୟା ନଗର

ରାୟଗଡ଼

# ରାଜ୍ୟର ସବୁଠାରୁ ବଡ଼ ଅବକାରୀ ଚଢ଼ାଉ : ଓଡ଼ିଶା-ଆନ୍ତଃ ରାଜ୍ୟ ସୀମାରେ ୨୦୦ କୋଟି ମୂଲ୍ୟର ତରଳ ଗଞ୍ଜେଇ ଜବତ କଲା କୋରାପୁଟ ପୋଲିସ , ପୋଲିସ ହାତରେ ଆନ୍ତଃରାଜ୍ୟ ଡ୍ରଗ୍ସ ସିଣ୍ଡିକେଟ

କୋରାପୁଟ (ପ୍ରତିଫଳନ ମିଡ଼ିଆ): ଗତ ବର୍ଷମୁକ୍ତିଲାଭ କରିଥିବା ତେଲୁଗୁ ଚଳଚ୍ଚିତ୍ର ଘାଟି ର କାହାଣୀକୁ ପ୍ରତିଫଳିତ କରି ଏକ ନାଟକୀୟ ବାସ୍ତବ କାର୍ଯ୍ୟାନୁଷ୍ଠାନରେ, ଓଡିଶା ପୋଲିସ ଏକ ବିଶାଳ ଆନ୍ତଃରାଜ୍ୟ ତରଳ ଗଞ୍ଜେଇ ସିଣ୍ଡିକେଟକୁ ଠାବ କରିଛନ୍ତି। ୨୦୦ କୋଟି ମୂଲ୍ୟର ଚୋରା ତରଳ ଗଂଜେଇ ସହ ବ୍ୟବହୃତ ସାମଗ୍ରୀ ଜବତ କରିଛି କୋରାପୁଟ ପୋଲିସ। ସଠିକ ପଦକ୍ଷେପ ଏବଂ ଗୁପ୍ତଚର ରଣନୀତି ସହିତ କାର୍ଯ୍ୟକାରୀ ହୋଇଥିବା ଏହି ଅଭିଯାନ ରାଜ୍ୟ ସୀମା ଦେଇ ତରଳ ଗଞ୍ଜେଇର ବେଆଇନ ଚାଲାଣରେ ଜଡିତ ଥିବା ଏକ ସୁସଂହତ ନେଟୱାର୍କର ପର୍ଦ୍ଦାଫାଶ କରିଛି ଓଡିଶା ପୋଲିସ । ଏହି ହାଇ-ପ୍ରୋଫାଇଲ୍ ଜବତ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛି। ଏହି ଅଭିଯାନ ସାମ୍ପ୍ରତିକ ସମୟରେ ଦେଶର ସବୁଠାରୁ ବଡ଼ ଅବକାରୀ ବିରୋଧୀ ସଫଳତା ମଧ୍ୟରୁ ଗୋଟିଏ ବୋଲି ଆଲୋଚନା ହେଉଛି। ଓଡ଼ିଶା ପୋଲିସ କୋରାପୁଟ ଜିଲ୍ଲାର ଜଙ୍ଗଲ ସୀମାବର୍ତ୍ତୀ ଅଞ୍ଚଳରେ ଏକ ବିଶାଳ ଆନ୍ତଃରାଜ୍ୟ ତରଳ ଗଞ୍ଜେଇ ଉତ୍ପାଦନ ୟୁନିଟ୍କୁ ଠାବ କରିଛି। ସୁନିଶ୍ଚିତ ଗୁଇନ୍ଦା ସୂଚନା ଉପରେ କାର୍ଯ୍ୟ କରି, ଦକ୍ଷିଣ ପଶ୍ଚିମ ରେଞ୍ଜ (ଝଡଜ)ର ଡିଆଇଜି କନ୍ୱାର ବିଶାଳ ସିଂଙ୍କ ତତ୍ତ୍ୱାବଧାନରେ ଏବଂ କୋରାପୁଟ ପୋଲିସ ଅଧିକ୍ଷକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଓଡ଼ିଶା-ଆନ୍ଧ୍ର ପ୍ରଦେଶ ସୀମା ନିକଟବର୍ତ୍ତୀ ପାଡୁଆ ପୋଲିସ ଷ୍ଟେସନ ସୀମା ଅନ୍ତର୍ଗତ ଝୋଲାପୁଟ ଜଳଭଣ୍ଡାରର ଏକ ଜଙ୍ଗଲ






ମଧ୍ୟରେ ବିପଦପୂର୍ଣ୍ଣ ଚଢାଉ କରିଥିଲା। ୨୦୦ କୋଟିରୁ ଅଧିକ ମୂଲ୍ୟର ବିପୁଳ ସାମଗ୍ରୀ ଜବତ ସହପୋଲିସ ଏକ ଅସ୍ଥାୟୀ ଆନ୍ତଃରାଜ୍ୟ ତରଳ ଗଞ୍ଜେଇ ଉତ୍ପାଦନ ୟୁନିଟ୍ ଠାବ କରି ଜବତ କରିଛି। ୧,୮୦୦ ଲିଟରରୁ ଅଧିକ ତରଳ ଗଞ୍ଜେଇ , ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦୦ କୋଟି ହେବ । ପ୍ରାୟ ୫ କୋଟି ମୂଲ୍ୟର ୧,୦୦୦ କିଲୋଗ୍ରାମରୁ ଅଧିକ ଗଞ୍ଜେଇ ମଧ୍ୟ ପୋଲିସ ଜବତ କରିଛି । ନିଷ୍କାସନ ଏବଂ ପ୍ରକ୍ରିୟାକରଣ ପାଇଁ ବ୍ୟବହୃତ ଅନେକ ଅସ୍ଥାୟୀ ଉତ୍ପାଦନ ଉପକରଣକୁ ପୋଲିସ ଠାବ କରିଛି। ଦୁର୍ଗମ ଅଞ୍ଚଳ, ପ୍ରତିକୂଳ ପରିସ୍ଥିତି, ସିଣ୍ଡିକେଟର ମଜବୁତ ଗୋଇନ୍ଦା ସୂଚନା ହେତୁ ଏହି ଅଭିଯାନ ବିଶେଷ ଭାବରେ ପୋଲିସ ପାଇଁ ଚ୍ୟାଲେଞ୍ଜିଂ ଥିଲା। ଗୋପନୀୟତା ଏବଂ କୌଶଳଗତ ଭାବେ ପୋଲିସର ବିଭିନ୍ନ ଦଳଗୁଡ଼ିକ ଜଳଭଣ୍ଡାର ପାର ହୋଇ ଡଙ୍ଗା ମାଧ୍ୟମରେ ଗୁପ୍ତ ସ୍ଥାନ ନିକଟକୁ ଯାଇଥିଲେ ଏବଂ ତା'ପରେ ଅପରାଧୀମାନଙ୍କୁ ସତର୍କରୁ ଦୂରେଇ ରଖିବା ପାଇଁ ରାସ୍ତା ପଥକୁ ଏଡ଼ାଇ ପୋଲିସ ଦଳ ପାଦରେ ଚାଲି ଚାଲି ଯାଇଥିଲେ। ଡିଆଇଜି ନିଶ୍ଚିତ କରିଛନ୍ତି ଯେ ଏହି ନେଟୱାର୍କ ପଛରେ ଥିବା ମାଷ୍ଟରମାଇଣ୍ଡମାନଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ। ତରଳ ଗଞ୍ଜା ଉତ୍ପାଦନ ଏବଂ ବଣ୍ଟନରେ ସୁଦୃଢ଼ ଆନ୍ତଃରାଜ୍ୟ ଲିଙ୍କ୍ ରହିଛି। ଚଢାଉ ଏବେ ବି ଚାଲିଛି, ଏବଂ ସୁରକ୍ଷା କାରଣରୁ ଅଧିକ ବିବରଣୀ ପୋଲିସ ଦେବାକୁ ମନା କରିଛି। ତେବେ ପୃଥକ ପୃଥକ କାର୍ଯ୍ୟାନୁଷ୍ଠାନକ୍ରମରେ ୧.୧ ଟନ୍ ଗଞ୍ଜେଇ ସହିତ ୪ ଜଣଙ୍କୁ ଗିରଫ କରାଯାଇଛି। କୋରାପୁଟ ଜିଲ୍ଲାରେ ଏଭଳି ଏକ ସାହସିକ ଅଭିଯାନରେ ଓଡିଶା ପୋଲିସ ନନ୍ଦପୁର ପୋଲିସ ଷ୍ଟେସନ ସୀମା ଅଧୀନରେ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକୁ ମଧ୍ୟ ଧରିପାରିଛି। ଏଥିରେ ୧,୧୪୩ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ?୫ କୋଟି। ଦୁଇଟି ମହିନ୍ଦ୍ରା ପିକଅପ୍ ଗାଡ଼ିରେ ଲୋଡ୍ ହୋଇଥିବା ପ୍ଲାଷ୍ଟିକ୍ ଜାର ଭିତରେ ଚୋରା ଦ୍ରବ୍ୟ ଲୁଚାଇ ରଖାଯାଇଥିଲା। କୋରାପୁଟ ଜିଲ୍ଲାର ସେମିଲିଗୁଡ଼ାରୁ ଦୁଇଜଣ ସ୍ଥାନୀୟ ଯୋଗାଣକାରୀ ସମେତ ଚାରି ଅଭିଯୁକ୍ତଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଉତ୍ତର ରାଜ୍ୟ ହରିୟାଣାରୁ ଦୁଇଜଣ ଅଭିଯୁକ୍ତ ଚାଲାଣକାରୀଙ୍କୁ ଅଧିକ ପଚରାଉଚରା କରାଯାଉଛି ଏବଂ ବ୍ୟାପକ ଆନ୍ତଃରାଜ୍ୟ ଯୋଗାଣ ଶୃଙ୍ଖଳକୁ ଠାବ କରିବା ପାଇଁ ଅଧିକ ତଦନ୍ତ ଚାଲିଛି ବୋଲି ଡିଆଇଜି କନୱାର ବିଶାଳ ସିଂ କହିଛନ୍ତି। ଗଞ୍ଜେଇ ଚାଷ ଏବଂ ବେଆଇନ ନିଶା ନେଟୱାର୍କ ପାଇଁ ଦୀର୍ଘ ଦିନ ଧରି ଜଣାଶୁଣା ସମ୍ବେଦନଶୀଳ ଓଡ଼ିଶା-ଆନ୍ଧ୍ର ପ୍ରଦେଶ ସୀମା କରିଡରରେ ନିଶାଦ୍ରବ୍ୟ ଉତ୍ପାଦନ ଏବଂ ପରିବହନକୁ ରୋକିବାରେ ଏହି ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଆଣି ଦେଇଛି।

# ଜିଲ୍ଲାସ୍ତରୀୟ ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ

ଯାଜପୁର, : ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ



ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟାକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଭଳି କୌଣସି ଅଭିଯୋଗ ନ ଆସେ ସେଥି ପ୍ରତି ଧ୍ୟାନ ଦେବାକୁ ଆଲୋଚନା ହୋଇଛି। ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଜଳଛତ୍ରରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନ ଗହଳିପୂର୍ଣ୍ଣ ସ୍ଥାନରେ ଟ୍ୟାଙ୍କ ମାଧ୍ୟମରେ ପାନୀୟ ଜଳ ରଖିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା, ବିଭିନ୍ନ ଜନ ଗହଳି ସ୍ଥାନ ରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ବ୍ୟବସ୍ଥା କରିବା ଉପରେ ଆଲୋଚନା ହୋଇଥିଲା।ବ୍ଲକ୍, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ଅନୁରୂପ ଭାବେ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ ପ୍ୟାକେଟ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁମାନଙ୍କ ପାଇଁ ଗାଁ ର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନ ମାନଙ୍କରେ ଜଳ କୁଣ୍ଡର ବ୍ୟବସ୍ଥା କରିବା, କର୍ମସ୍ଥଳରେ ପାନୀୟ ଜଳ, ଓ.ଆର.ଏସ ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳ ର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବି.ଡି.ଓ ଏବଂ ତହସିଲଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଜରୁରୀ କାଳିନ ଅଧିକାରୀ ଅଶୋକ କୁମାର ବେହେରା ବୈଠକ ର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ସବିତା ଓହରିଲେ, ସଲିମା ଅଧିନାୟକ

ନୂଆଦିଲ୍ଲୀ : ହାଇଦ୍ରାବାଦଠାରେ ଚଳିତ ମାର୍ଚ୍ଚ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ଭାରତୀୟ ଦଳରେ ଏକ ମହତ୍ତ୍ୱପୂର୍ଣ୍ଣ ଅଦଳ ବଦଳ ହୋଇଛି । ଭେଟେରାନ୍ ଗୋଲ୍ ରକ୍ଷକ ତଥା ଅଧିନାୟିକା ବ୍ୟକ୍ତିଗତ କାରଣ ଦର୍ଶାଇ ଏହି ପ୍ରତିଯୋଗିତାରୁ ଓହରିଯିବା ପରେ ମଧ୍ୟଭାଗ ଖେଳାଳି ସଲିମା ଟେଟେ ନୂଆ ଅଧିନାୟିକା ନିଯୁକ୍ତ ହୋଇଛନ୍ତି ।

ସଲିମା ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ସ୍ଥାନ ପାଇଥିବା ଭାରତୀୟ ଦଳର ନେତୃତ୍ୱ ଇଂଲଣ୍ଡ, ସ୍କଟଲାଣ୍ଡ୍, କୋରିଆ, ଇଟାଲି, ଉରୁଗୁଏ. ୱେଲ୍‌ସ ଓ ଅଷ୍ଟ୍ରିଆକୁ ନେଇ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ନେବେ । ଏମାନଙ୍କ ମଧ୍ୟରୁ ତିନିଟି ଦଳ ବେଲଜିୟମ ଓ ନେଦରଲାଣ୍ଡ୍‌ସରେ ଅଗଷ୍ଟ ମାସରେ ଖେଳାଯିବାକୁ ଥିବା ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବେ । ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ପୁଲ୍-ଏ'ରେ ଅଛନ୍ତି । ଅନ୍ୟପକ୍ଷରେ ଆୟୋଜକ ଭାରତ ସମେତ ସ୍କଟଲଣ୍ଡ୍,



ଉରୁଗୁଏ, ୱେଲ୍‌ସ ପୁଲ-ବି'ରେ ସ୍ଥାନ ପାଇଛନ୍ତି ।

ସବିତା ଓହରିବା ପରେ ଭାରତୀୟ ଦଳର ଗୋଲ୍‌ରକ୍ଷଣ ଭାର ଦୁଇ ନବାଗତ ଓ ଯୁବ ତାରକା ବାଂଶୁରୀ ସୋଲାଙ୍କି ଓ ବିଚୁଦେବି ଖରିବାମଙ୍କ କାନ୍ଧରେ ନ୍ୟସ୍ତ ରହିବ । ସବିତା ଏହି ପ୍ରତିଯୋଗିତା ପାଇଁ ଆୟୋଜିତ ହୋଇଥିବା ଜାତୀୟ ପ୍ରଶିକ୍ଷଣ ଶିବିରରେ ବ୍ୟକ୍ତିଗତ କାରଣ ପାଇଁ ଯୋଗ ଦେଇ ନଥିଲେ । ଏହି ପ୍ରତିଯୋଗିତା ମଧ୍ୟ ସମାନ କାରଣ ପାଇଁ ଖେଳିବେ ନାହିଁ ସେ । ଏଣୁ ସଲିମା ଭାରତୀୟ ଦଳର ନେତୃତ୍ୱ ନେବେ ବୋଲି ହକି ଇଣ୍ଡିଆର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

ଭାରତୀୟ ଦଳ: ଗୋଲ୍‌ରକ୍ଷକ- ବାଂଶୁରୀ ସୋଲାଙ୍କି, ବିଚୁଦେବୀ ଖରିବାମ । ରକ୍ଷଣଭାଗ-ସୁଶୀଳା ଚାନୁ ପୁଖରାମବମ୍, ନିକ୍କି ପ୍ରଧାନ, ମନୀଷା ଚୌହ୍ୱାନ, ଉଦିତା, ଇଶିକା ଚୌଧୁରୀ । ମଧ୍ୟଭାଗ: ନେହା, ସଲିମା ଟେଟେ (ଅଧିନାୟିକା), ସୁନେଲିତା ଟପ୍ପୋ, ସାକ୍ଷୀ ରାଣା, ବୈଷ୍ଣବୀ ବିଠଲ ଫାଲ୍‌କେ, ରୁତୁଜା ଦାଦାସୋ ପିସାଲ, ଦୀପିକା ସୋରେଙ୍ଗ । ଅଗ୍ରଭାଗ- ନଭନୀତ କୌର, ଇଶିକା, ଲାଲରେମସିଆମି, ବିୟୁଟୀ ଡଙ୍ଗଡୁଙ୍ଗ, ବଳଜୀତ କୌର, ଅନୁ ।

# ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ ଆଇପିଏଲ୍ ମ୍ୟାଚ୍

ବେଙ୍ଗାଲୁରୁ: ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପାଇଁ ଖୁସି ଖବର ଆସିଛି । ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ ସଂସ୍କରଣର ୫ଟି ଘରୋଇ ମ୍ୟାଚ୍ ଖେଳାଯିବ । ଆରସିବିର ଅନ୍ୟ ୨ଟି ମ୍ୟାଚ୍ ରାୟପୁରସ୍ଥିତ ସହିଦ ବୀର ନାରାୟଣ କ୍ରିକେଟ୍ ଷ୍ଟାଡିୟମରେ ଆୟୋଜନ ହେବ । ଆରସିବି ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ଗତବର୍ଷ ଆଇପିଏଲ୍ ଚାମ୍ପିଅନ ହେଲା ପରେ ଉତ୍ସବ ପାଳନ ସମୟରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦଳାଚକଟା ହୋଇଥିଲା । ଏହି ଦଳାଚକଟାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଦୁଃଖଦ ଘଟଣା ପରେ ଏଠାରେ ଗୋଟିଏ ମଧ୍ୟ ଘରୋଇ ମ୍ୟାଚ୍ ଖେଳାଯାଇ ନାହିଁ । ଏଥି ସହିତ ଚଳିତ ବର୍ଷ ମ୍ୟାଚ୍ ଆୟୋଜନ ନେଇ ସଙ୍କଟ ପରିସ୍ଥିତି ଦେଖାଯାଇଥିଲା । ସୁରକ୍ଷା ଦୃଷ୍ଟିରୁ ଚାମ୍ପିଅନ ଟିମ୍ ?କୁ ଅନ୍ୟ ସ୍ଥାନରେ ମ୍ୟାଚ୍ ଖେଳିବାକୁ ପଡ଼ିପାରେ ବୋଲି ଆଶା କରାଯାଉଥିଲା । ମାସମାସ ଧରି ଅନିଶ୍ଚିତତା ମଧ୍ୟରେ ଆରସିବି ପରିଚାଳନା କର୍ତ୍ତୃପକ୍ଷ ସ୍ପଷ୍ଟ କରିଛି ଯେ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଆରସିବି ନିଜର ବିଜ୍ଞପ୍ତିରେ କହିଛି ଯେ, ମାସ ମାସ ଧରି ପରିଶ୍ରମ ଏବଂ ସବୁ ସଂପର୍କିତ ପକ୍ଷମାନଙ୍କ ସହିତ ସମନ୍ୱୟ କରାଯିବା ପରେ ଏହା ସମ୍ଭବ ହୋଇଛି । ଆମେ ଏହି ସହଯୋଗ ପାଇଁ କର୍ଣ୍ଣାଟକ ରାଜ୍ୟ କ୍ରିଟେ୍ ସଂଘ (କଝଉଇ) ଏବଂ କର୍ଣ୍ଣାଟକ ପୁଲିସକୁ ଧନ୍ୟବାଦ ଜଣାଉଛୁ ।






## ପ୍ରେସ ରେଜିଷ୍ଟ୍ରେସନ୍ ଆକ୍ଟ, ୧୯୫୬ ଅନୁଯାୟୀ

### ଘୋଷଣା

ଫର୍ମ-୧, ୮ମ ଧାରା

| | | | | |
|---|---|---|---|---|
| ୧. | ସମ୍ବାଦ ପତ୍ରର ନାମ | | : | ସମୟର ପ୍ରତିଫଳନ |
| ୨. | ପ୍ରକାଶ ସ୍ଥାନ | | : | ରାୟଗଡ |
| ୩. | ପ୍ରକାଶନର ସମୟ | | : | ପାକ୍ଷିକ |
| ୪. | ମୁଦ୍ରାକରଙ୍କ ନାମ | | : | କୀର୍ତ୍ତିଚନ୍ଦ୍ର ସାହୁ |
| | ଜାତୀୟତା | | : | ଭାରତୀୟ |
| | ଠିକଣା | | : | ଇନ୍ଦିରାନଗର<br>୪ର୍ଥ ଗଳି, ରାୟଗଡ<br>ପିନ୍- ୭୬୫୦୦୧ |
| | | ଜିଲ୍ଲା | : | ରାୟଗଡ |
| ୫. | ପ୍ରକାଶକଙ୍କ ନାମ | | : | କୀର୍ତ୍ତିଚନ୍ଦ୍ର ସାହୁ |
| | ଜାତୀୟତା | | : | ଭାରତୀୟ |
| | ଠିକଣା | | : | ଇନ୍ଦିରାନଗର<br>୪ର୍ଥ ଗଳି, ରାୟଗଡ<br>ପିନ୍- ୭୬୫୦୦୧ |
| | | ଜିଲ୍ଲା | : | ରାୟଗଡ |
| ୬. | ସଂପାଦକଙ୍କ ନାମ | | : | କୀର୍ତ୍ତିଚନ୍ଦ୍ର ସାହୁ |
| | ଜାତୀୟତା | | : | ଭାରତୀୟ |
| | ଠିକଣା | | : | ଇନ୍ଦିରାନଗର<br>୪ର୍ଥ ଗଳି, ରାୟଗଡ<br>ପିନ୍- ୭୬୫୦୦୧ |
| | | ଜିଲ୍ଲା | : | ରାୟଗଡ |
| ୭. | ସତ୍ତ୍ୱାଧିକାରୀଙ୍କ ନାମ | | : | କୀର୍ତ୍ତିଚନ୍ଦ୍ର ସାହୁ |
| | ଠିକଣା | | : | ଇନ୍ଦିରାନଗର<br>୪ର୍ଥ ଗଳି, ରାୟଗଡ<br>ପିନ୍- ୭୬୫୦୦୧ |
| | | ଜିଲ୍ଲା | : | ରାୟଗଡ |

ମୁଁ, କୀର୍ତ୍ତିଚନ୍ଦ୍ର ସାହୁ ଏତଦ୍ୱାରା ଘୋଷଣା କରୁଅଛି କି ଯେ, ପ୍ରକାଶିତ ତଥ୍ୟ ମୋ ବିଚାରରେ ସତ୍ୟ ଅଟେ ।

ତା. ୧.୦୩.୨୦୨୬

କୀର୍ତ୍ତିଚନ୍ଦ୍ର ସାହୁ
ପ୍ରକାଶକ, 'ସମୟର ପ୍ରତିଫଳନ'


Printed, Published & Owned by **Keerti Chandra Sahu**, Published at Indira Nagar, 4th line, Rayagada, Dist- Rayagada, PIN-765001, Odisha and Printed at Aditya Graphics, New Colony, Rayagada-765001, Odisha, Phone-06856-223840, Fax-06856-223940, Mob-9437111880



**Editor: Keerti Chandra Sahu** **E-mail: Pratifalan@rediffmail.com/ pratiphalan@gmail.com** **ସମ୍ପାଦକ: କୀର୍ତ୍ତିଚନ୍ଦ୍ର ସାହୁ**